ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ମାର୍ଚ୍ଚ, ୨୦୧୯



ଜନନୀ ଏବଂ ଜନ୍ମଭୂମି
ସ୍ୱର୍ଗଠାରୁ ମଧ ମହାନ୍
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ବିଞ୍ଝାରପୁର,୨୭।୩(ଡି.ଏନ୍.ଏ.):** ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ପକ୍ଷରୁ ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ବୁଧବାର ମଇଁଦା ବଜାରସ୍ଥିତ ବିଞ୍ଝାରପୁର ବ୍ଲକ ଯୁବ ବିଜେଡି ସଭାପତି କାମଦେବ ଧଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ ଯୋଗଦେଇ ଶିକ୍ଷିତ ବେକାରିଙ୍କୁ ନିଯୁକ୍ତି ଦେବା ପାଇଁ କେନ୍ଦ୍ର ଭାଜପା ସରକାର ବିଫଳ ହୋଇଥିବା କହିଥିଲେ। ଅନ୍ୟମାନଙ୍କ ମଧରେ ଛାତ୍ର ବିଜେଡି ସଭାପତି ଜିକ୍ରେ ପ୍ରଧାନ, ହେମେନ୍ଦ୍ର ସାମଲ, ଲେଲିନ ଦାସ, ରୋମିଓ ରୋପନ ରାଉତ, ଗୋବିନ୍ଦ ଜେନା, ସମିର ଜେନା, ବୀରେନ୍ଦ୍ର ପଣ୍ଡା, ଦର୍ପନାରାୟଣ ସ୍ୱାଇଁ, ଅଜୟ ସ୍ୱାଇଁ, ସୁଶାନ୍ତ ରାଉତରାୟ, ଲକ୍ଷ୍ମୀଧର ରାଉତ, ନଜ୍ଜିବଉଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ।

### ଜାରକା ମେଳଣ ଉଦ୍‌ଯାପିତ



**ଧର୍ମଶାଳା,୨୭।୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ସଦର ମହକୁମା ମହୋତ୍ସବ ପଡ଼ିଆରେ ଜାରକା ମେଳଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜାରକାର ଥାନପତି ରାଧାକୃଷ୍ଣ ବିମାନକୁ ମେଳଣ କମିଟି ସଭାପତି ଓ ସମ୍ପାଦକ ଜଳଧର ସାହୁ ଫୁଲ ଚନ୍ଦନ ରଙ୍ଗ ଅବିର ଦେଇ ପୂଜାକରି ନିମନ୍ତ୍ରଣ କରିବାପରେ ଥାନପତି ମେଳଣ ପଡ଼ିଆ ଚାରାରେ ଉପବେଶନ କରିଥିଲେ। ଏହି ଅବସରରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ହେମନ୍ତ କୁମାର ସ୍ୱାଇଁ, ଥାନା ଅଧିକାରୀ ସରୋଜ କୁମାର ସହୁ, ତ୍ରିଲୋଚନ ବିଶ୍ୱାଳ, ବାବାଜି ପରିଡା ପ୍ରମୁଖ ମେଳଣରେ ଯୋଗଦେଇଥିଲେ। ଧର୍ମଶାଳା କଲେଜ ବାଇପାସ ରାସ୍ତା ଦେଇ ବିମାନଗୁଡିକ ମେଳଣ ପଡ଼ିଆକୁ ରଙ୍ଗହୋଲି ଖେଳି ରୋଶଣିରେ ଆସିଥିବାବେଳେ ଶାନ୍ତିବଜାରଠାରୁ କେତେକ ରାଧାକୃଷ୍ଣ ବିମାନ ହୋଲି ଖେଳି ମେଳଣ ପଡ଼ିଆକୁ ଆସିଥିଲେ। ଚଳିତ ବର୍ଷ ମେଳଣରେ ଆଧୁନିକ ନୃତ୍ୟ ଗୀତକୁ ବାଦ ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଧର୍ମଶାଳା ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କିଶୋର ନାୟକ, ଅଜୟ ମହାପାତ୍ର, ଅନିରୁଦ୍ଧ ରାଉତ, ସବ୍ୟସାଚୀ ସୁନ୍ଦର ରାୟ, ସମିତି ସଭ୍ୟ ସୁଦାମ ଚରଣ ବେହେରା, ଜୟପ୍ରକାଶ ତ୍ରିପାଠୀ, ନିର୍ମଳ ପ୍ରଧାନ, ଅମରେନ୍ଦ୍ର ରାଉତ, ଅଜାମ୍ବର ସାହୁ, ମନୋଜ ଦାସ, ଦିଲୀପ ଜେନା ପ୍ରମୁଖଙ୍କ ସମେତ କମିଟିର ସଦସ୍ୟ ପରିଚାଳନା ସହଯୋଗ କରିଥିଲେ। ସମ୍ପାଦକ ଜଳଧର ସାହୁ ଠାକୁରଙ୍କୁ ନୈବେଦ୍ୟ ଅର୍ପଣ କରି ଠାକୁର ବାଡିଆଙ୍କୁ ବିଦାୟ ସମ୍ବର୍ଦ୍ଧନା ସେଇଥିଲେ।

# ଦଳୀୟ ଭୋଟ ବ୍ୟାଙ୍କ ଉପରେ ନେତାଙ୍କ ନଜର

**ଯାଜପୁର ଅଫିସ,୨୭।୩**

ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଦିବାସୀ ବହୁଳ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ମତଦାନ ହେବାକୁ ଯାଉଛି। ଖଣି, ଶିଳ୍ପ ସମୃଦ୍ଧ ଏହି ନିର୍ବାଚନମଣ୍ଡଳୀ ଜିଲାରେ ଅଧିକ ଗୁରୁତ୍ୱ ବହନ କରୁଛି। ବିଶେଷକରି ସ୍ଥାନୀୟ ନିଯୁକ୍ତି ସମସ୍ୟା ଯୋଗୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୁଷ୍ଟ ରହିଥିବା ମନେ ହେଉଛି। ଯାହାକି ଚଳିତ ନିର୍ବାଚନକୁ ବହୁଳଭାବେ ପ୍ରଭାବିତ କରିବ ବୋଲି ମତପ୍ରକାଶ ପାଉଛି। ଗତ ୩ ନିର୍ବାଚନରେ ମତଦାନକୁ ହିସାବକୁ ନେଲେ ଏଠାରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ାଟକ୍କର ହେଉଛି । ହାରଜିତରେ ଭୋଟ ବ୍ୟବଧାନ ମାତ୍ର ୫ପ୍ରତିଶତ ମଧ୍ୟରେ ରହୁଛି। ଚଳିତ ନିର୍ବାଚନରେ ଭାଜପାର ଭୋଟହାର ବୃଦ୍ଧି ସମ୍ଭାବନା ଥିବାରୁ କଂଗ୍ରେସର ଭୋଟ ପ୍ରଭାବିତ ହୋଇପାରେ ବୋଲି ଆଲୋଚନା ହେଉଛି। ତଥାପି ନିର୍ବାଚନ ପାଇଁ ଏଠାରେ ସବୁ ରାଜନୈତିକ ଦଳର ଜୋରଦାର ପ୍ରସ୍ତୁତି ଚାଲିଲାଣି। ବିଶେଷକରି ଦଳୀୟ ଭୋଟ ବ୍ୟାଙ୍କ ଉପରେ ନେତାଙ୍କ ନଜର ରହିଥିବା କୁହାଯାଉଛି ।



ପ୍ରୀତିରଞ୍ଜନ ଘଡ଼େଇ



ଶରତ ରାଉତ



ପ୍ରଦୀପ ବଳସାମନ୍ତ

ଚଳିତ ନିର୍ବାଚନରେ ଏହି ଆସନରୁ ବିଜେଡି ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ (ଡାନି)ଙ୍କ ଉପରେ ଦଳ ପୁଣି ଭରସା କରିଛି। ନିକଟରେ ଡାନିଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇଙ୍କ ଉପରୁ ବହିଷ୍କାର ନିର୍ଦ୍ଦେଶ ପ୍ରତ୍ୟାହାର ହୋଇଛି । ଚଳିତ ନିର୍ବାଚନରେ ସେ ନିଜେ କୌଣସି ଆସନରେ ଲଢିବେ ନାହିଁ ବୋଲି ସୂଚନା ମିଳିଛି । ତେଣୁ ପୁଅ ପ୍ରୀତିରଞ୍ଜନ ପାଇଁ ପ୍ରଫୁଲ୍ଲ ଏଥର ଜୋରସୋର ଉଦ୍ୟମ କରିବେ ବୋଲି ଆଲୋଚନା ହେଉଛି। ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ(ବବି)ଙ୍କ ନଜର କୋରେଇ ଆସନ ଉପରେ ରହିଛି। ଏଥିପାଇଁ ସେ କୋରେଇରେ ବୁଥ କମିଟି ଗଠନ କରିବାରେ ଲାଗି ପଡିଛନ୍ତି। ଟିକେଟ ବଣ୍ଟନରେ ଯେହେତୁ ବବିଙ୍କ ସମ୍ପୃକ୍ତି ରହିଛି ତେଣୁ ଆପାତତଃ କୋରେଇ ପାଇଁ ସେ ନିଜେ ଠିଆ ହେବାର ନିଶ୍ଚିତ ବୋଲି କୁହାଯାଉଛି । ତେବେ କୋରେଇରେ ବବି ପ୍ରାର୍ଥୀ ହେଲେ ବିଜେଡି ଉପରେ କିଛିଟା ନକରାତ୍ମକ ପ୍ରଭାବ ପଡିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗରେ ମିଳିତ ମଞ୍ଚ ତରଫରୁ କରାଯାଇଥିବା ୧୦୧ଦିନର ଧାରଣା କୋରେଇବାସୀଙ୍କୁ ବିଚଳିତ କରିଛି। ଯାହାକି ବବିଙ୍କ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି । ଯଦି କୋରେଇରୁ ବବି ପ୍ରାର୍ଥୀ ହେଲେ ପ୍ରଫୁଲ୍ଲଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ସୁକିନ୍ଦାରେ ପ୍ରମୁଖ କଂଗ୍ରେସ ନେତାଙ୍କ ପଟ ପରିବର୍ତ୍ତନ ପରେ ଦଳର ସାଂଗଠନିକ ସ୍ଥିତି ଦୁର୍ବଳ ଅବସ୍ଥାକୁ ଆସିଥିବା ଚର୍ଚ୍ଚା ହେଉଛି। ସେହିପରି ଗତ ୫ବର୍ଷ ମଧ୍ୟରେ ଡାନିଙ୍କ ବିରୋଧରେ ସୁକିନ୍ଦା ବିଜେଡିର ଅନେକ ଆଗଧାଡିର ନେତା ବିଦ୍ରୋହୀ ଭାବେ ଉଭା ହୋଇଛନ୍ତି। ଦାନଗଦୀ ସମିତି ଅଧ୍ୟକ୍ଷଙ୍କ ସମେତ ବହୁ ବିଜେଡି ନେତା ଭାଜପାରେ ସାମିଲ ହୋଇଛନ୍ତି। ତେବେ ଏହା ବିଜେଡିକୁ କୌଣସି ପ୍ରଭାବ ନ ପକାଇ କଂଗ୍ରେସ ଭୋଟମୁଣିକୁ ହଇଚଇ କରିବ ବୋଲି ଆକଳନ କରାଯାଉଛି। ଫଳରେ ୨୦୧୯ ନିର୍ବାଚନ ଭୋଟହାର କଂଗ୍ରେସର କମୁ ଥିବାବେଳେ ଭାଜପାର ଭୋଟହାର ବଢିବା ସମ୍ଭାବନା ସୃଷ୍ଟି କରିଛି। ଭୋଜପାରୁ ପ୍ରଦୀପବଳ ସାମନ୍ତ(ଟୁଟୁ)ଙ୍କୁ ଟିକେଟ ମିଳିଛି । ଭାଜପା, କଂଗ୍ରେସ ଓ ବିଜେଡି ସେମାନଙ୍କ ଦଳୀୟ ଭୋଟ ବ୍ୟାଙ୍କ ଉପରେ କେନ୍ଦ୍ରୀଭୂତ ଥିବାରୁ ଭୋଟହାର ଅପରିବର୍ତ୍ତିତ ରହିବ ବୋଲି ସମସ୍ତ ନେତା ଆଶାବାଦୀ ରହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଏଠାରେ ନିଜର ଭୋଟମୁଣିକୁ ସୁରକ୍ଷିତ ରଖିବାକୁ ପ୍ରୟାସ ଜାରି ରଖିଛି। କଂଗ୍ରେସର ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ସୁଦ୍ଧା ଶରତ ରାଉତ ସୁକିନ୍ଦାରୁ ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ ବୋଲି ଜଣାପଡିଛି। ସେ ଗତ ୩ନିର୍ବାଚନରେ ଏଠାରେ ଅପ୍ରତ୍ୟାଶିତ ଭାବେ ପରାଜିତ ହୋଇ ଆସୁଛନ୍ତି। ୨୦୧୪ରେ ୪,୭୦୪ ଭୋଟ, ୨୦୦୯ରେ ୨,୪୦୩ ଭୋଟ ଓ ୨୦୦୪ରେ ୬,୮୭୬ ଭୋଟ ବ୍ୟବଧାନରେ ଶରତ ପରାଜୟ ବରଣ କରିଛନ୍ତି। ଏହି ଭୋଟହାର ଚଳିତ ନିର୍ବାଚନରେ ବଜାୟ ରଖିପାରିବ କି ନାହିଁ ସେ ନେଇ ସଂଶୟ ପ୍ରକାଶ ପାଇଛି ।

## ସରକାରୀ ଜମିରେ ଭାଜପା କାର୍ଯ୍ୟାଳୟ ଅଭିଯୋଗ

**ଧର୍ମଶାଳା,୨୭।୩(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାମୁବଣିଆସ୍ଥିତ ଏକ ସରକାରୀ ଜମିରେ ଭାଜପାର ଦଳୀୟ କାର୍ଯ୍ୟାଳୟ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ତହସିଲଦାର ସରୋଜ ପଣ୍ଡା ଭାଜପା କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି। ପ୍ରକାଶ ଯେ, ଭାଜପା କାର୍ଯ୍ୟାଳୟ ନିକଟସ୍ଥ ଏକ ସରକାରୀ ଜମି କଣିପାଟିଆ ଗ୍ରାମର ଭ୍ରମରବର ରାଉତଙ୍କ ଦ୍ୱାରା ଦୀର୍ଘ ୩୦ବର୍ଷ ହେବ ଦଖଲରେ ରହିଥିଲା। ଏବେ ସେଠାରେ ଏକ ଦୋକାନ ଘର ନିର୍ମାଣ ଚାଲିଛି। ଭାଜପା କାର୍ଯ୍ୟାଳୟ ଧର୍ମଶାଳା ଭାଜପା ପ୍ରାର୍ଥୀ ରମେଶ ପରିଡାଙ୍କ ପିତାଙ୍କ ନାମରେ ରେକର୍ଡ ଭୁକ୍ତ ହୋଇଛି। ଏ ନେଇ ରମେଶ ପରିଡ଼ାଙ୍କ ସହ ଯୋଗାଯୋଗ କରିବାରୁ ରାଜନୈତିକ ଉଦ୍ଦେଶ୍ୟରେ ଏପରି ଅଭିଯୋଗ କରାଯାଇଛି। ଭାଜପା କାର୍ଯ୍ୟାଳୟ ତାଙ୍କ ପୈତୃକ ଜାଗାରେ ହୋଇଥିବା ସେ କହିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ କରାଯାଇଥିବା ତହସିଲଦାର ସରୋଜ ପଣ୍ଡା କହିଛନ୍ତି।

# ୨ରୁ ନାମାଙ୍କନ ପତ୍ର ଦାଖଲ

■ ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରଶାସନିକ ବ୍ୟବସ୍ଥା

**ଯାଜପୁର ଅଫିସ,୨୭।୩**

ଯାଜପୁର ଜିଲାର ଗୋଟିଏ ଲୋକ ସଭା ଓ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି। ଏପ୍ରିଲ ୨୯ତାରିଖରେ ୪ର୍ଥ ପର୍ଯ୍ୟାୟରେ ୧,୬୧୯ ଗୋଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ସେଥିପାଇଁ ଆସନ୍ତା ୨ତାରିଖ ଠାରୁ ନାମାଙ୍କନ ପତ୍ର ଦାଖଲ ହେବ। ଏହି ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୯ତାରିଖ ଧାର୍ଯ୍ୟ ହୋଇଥିବାବେଳେ ଯାଞ୍ଚ ୧୦ତାରିଖ ଓ ୧୨ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ସମୟ ରଖାଯାଇଛି। ପ୍ରାର୍ଥୀପତ୍ର ଦାଖଲର ବିଭିଧ ନିୟମାବଳୀ ସମ୍ପର୍କରେ ସମସ୍ତ ରାଜନୈତିକ ଦଳଗୁଡ଼ିକୁ ବିସ୍ତୃତ ଭାବେ ଅବଗତ କରାଯାଇଛି। ନାମାଙ୍କନପତ୍ର ଦାଖଲକୁ ସୁନିୟନ୍ତ୍ରିତ କରିବାକୁ ଜଲାପାଳ ତଥା ଜିଲା ନିର୍ବଚନ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ଏକାଧିକ ବୈଠକ ଅନୁଷ୍ଠିତ ହୋଇଛି। ନାମାଙ୍କନପତ୍ର ଦାଖଲ ପାଇଁ ନିୟୋଜିତ ଥିବା ନିର୍ବାଚନ ଅଧିକାରୀ, ସହକାରୀ ନିର୍ବାଚନ ଅଧିକାରୀ ଓ ସହାୟକଙ୍କୁ ବିଶଦ ଭାବେ ନାମାଙ୍କନ ଦାଖଲର ବ୍ୟବସ୍ଥା ଓ ନିୟମାବଳୀ ସମ୍ପର୍କରେ ଅବଗତ କରାଯାଇଛି। ନିଜେ ଜିଲାପାଳ ୮ନମ୍ବର ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଥିବାବେଳେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ୫୩ ନମ୍ବର କୋରେଇ ଓ ୫୪ ନମ୍ବର ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ରିଟର୍ଣ୍ଣି ଅଫିସର ରହିଛନ୍ତି। ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ୫୦ନମ୍ବର ବଡ଼ଚଣା ଓ ୫୧ନମ୍ବର ଧର୍ମଶାଳା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ୪୮ନମ୍ବର ବିଞ୍ଝାରପୁର ଓ ୫୨ନମ୍ବର ଯାଜପୁର ଏବଂ ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳ ୪୯ନମ୍ବର ବରୀ ବିଧାନସଭା ଆସନ ପାଇଁ ରିଟର୍ଣ୍ଣି ଅଫିସର ରହିଛନ୍ତି। ସେହିପରି ବିଂଝାରପୁର ପାଇଁ ବିଞ୍ଝାରପୁର ଓ ଦଶରଥପୁର ତହସିଲଦାର, ବରୀ ପାଇଁ ତହସିଲଦାର ବରୀ ଓ ବିଡିଓ ରସୁଲପୁର, ବଡ଼ଚଣା ପାଇଁ ତହସିଲଦାର ଦର୍ପଣ ଓ ବିଡିଓ ବଡ଼ଚଣା, ଧର୍ମଶାଳା ପାଇଁ ତହସିଲଦାର ଓ ବିଡିଓ ଧର୍ମଶାଳା, ଯାଜପୁର ପାଇଁ ତହସିଲଦାର ଓ ବିଡିଓ ଯାଜପୁର, କୋରେଇ ପାଇଁ ବ୍ୟାସନଗର ଓ ରସୁଲପୁର ତହସିଲଦାର ଏବଂ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସୁକିନ୍ଦା ଓ ଦାନଗଦୀ ତହସିଲଦାରଙ୍କୁ ସହକାରୀ ରିଟର୍ଣ୍ଣି ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ତେବେ ସମସ୍ତ ରିଟର୍ଣ୍ଣି ଅଫିସରଙ୍କ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ସ୍ୱତନ୍ତ୍ର ରିଟର୍ଣ୍ଣି ଅଫିସର ପ୍ରକୋଷ୍ଠଗୁଡ଼ିକରେ ବସିବାର ବ୍ୟବସ୍ଥା ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ରିଟର୍ଣ୍ଣି ଅଫିସରଙ୍କ ନିକଟକୁ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୫ଜଣ ନାମାଙ୍କନ ପତ୍ର ଦାଖଲ ସମୟରେ ଯାଇପାରିବେ।

# ୪ ନିର୍ବାଚନମଣ୍ଡଳୀରେ ବିଜେଡିର ଅଙ୍କ ଛିଡୁନି

**ଯାଜପୁର ଅଫିସ,୨୭।୩**

■ସୁକିନ୍ଦା, ବିଞ୍ଝାରପୁର, ଧର୍ମଶାଳା ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା
■ଶର୍ମିଷ୍ଠା ସେଠୀ ହେଲେ ଲୋକ ସଭା ପ୍ରାର୍ଥୀ

ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ସମେତ ସୁକିନ୍ଦା, ଧର୍ମଶାଳା ଓ ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବୁଧବାର ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେବେ ଅନ୍ୟ ୪ଟି କୋରେଇ, ଯାଜପୁର, ବରୀ ଓ ବଡ଼ଚଣା ନିର୍ବାଚନମଣ୍ଡଳୀରେ ବିଜେଡିର ଅଙ୍କ ଛିଡୁନି। ଏହି ସବୁ ଆସନରେ ଏକାଧିକ ଆଶାୟୀ ରହିଥିବା କାରଣରୁ ଦଳ କାହାକୁ ଟିକେଟ ଦେବ ତାହା ଚୂଡ଼ାନ୍ତ କରିପାରି ନ ଥିବାରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାରେ ବିଳମ୍ବ ହେଉଥିବା କୁହାଯାଉଛି। ଅପରପକ୍ଷରେ ପୂର୍ବରୁ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ ଭାଜପା ସମସ୍ତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୂଡ଼ାନ୍ତ କରିଛି। ଏହାକୁ ନେଇ ଜିଲା ରାଜନୀତିରେ ନିର୍ବାଚନୀ ବାତାବରଣ ସରଗରମ ହେବାରେ ଲାଗିଛି।

ଭାଜପାର ଘୋଷିତ ପ୍ରାର୍ଥୀମାନେ ସିଧାସଳଖ ଭୋଟରଙ୍କୁ ଭେଟୁଛନ୍ତି। କୋରେଇକୁ ବାଦ ଦେଲେ ଅନ୍ୟ ୬ନିର୍ବାଚନ ମଣ୍ଡଳିରେ କଂଗ୍ରେସର ବି ଅଙ୍କ ଛିଡ଼ି ପାରୁନାହିଁ। ଏଭଳିସ୍ଥିତିରେ କାଁଭାଁ କର୍ମୀ ସମ୍ମିଳନୀକୁ ବାଦ୍ ଦେଲେ ସେଭଳି ଆଖିଦୃଶିଆ ପ୍ରଚାର ମଧ ଆରମ୍ଭ ହୋଇନାହିଁ। ଯାଜପୁର ଜିଲାରେ ଏପ୍ରିଲ ୨୯ତାରିଖରେ ଭୋଟ ଗ୍ରହଣ ଓ ଏପ୍ରିଲ ୨ତାରିଖରେ ନାମାଙ୍କନ ପତ୍ର ଦାଖଲ ହେଉଥିବାରୁ ପ୍ରମୁଖ ଦଳଗୁଡିକ କେବଳ ଅସନ୍ତୁଷ୍ଟ କର୍ମୀଙ୍କୁ ମନାଇ ନିଜ ସପକ୍ଷରେ ପ୍ରଚାର କରାଇବା ଉଦ୍ୟମ ଜାରି ରଖିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୩ପ୍ରମୁଖ ଦଳରେ ଅର୍ନ୍ତଘାତି ଭୟ ଦେଖା ଦେଉଥିବାରୁ ଦଳୀୟ ନେତୃବର୍ଗଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହାରି ଭିତରେ ବୁଧବାର ସନ୍ଧ୍ୟାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯାଜପୁର ଲୋକ ସଭା ପାଇଁ ସ୍ୱେଚ୍ଛାକୃତ ଅବସର ନେଇଥିବା ପ୍ରଶାସନିକ ଅଧିକାରୀ ଶର୍ମିଷ୍ଠା ସେଠୀଙ୍କ ନାମ ଘୋଷଣା କରିଛନ୍ତି। ଗତ ଲୋକ ସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ତରାଇ ୫,୪୧,୩୪୯ଭୋଟ ପାଇଥିଲାବେଳେ କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସ ୨,୨୧,୦୭୮ ଭୋଟ ପାଇଥିଲେ। ହାରଜିତ ବ୍ୟବଧାନ ୩ଲକ୍ଷ ୨୦ହଜାର ୨୭୧ ଭୋଟ ରହିଥିଲା । ତେବେ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା କହିଛନ୍ତି ଜିଲାର ସର୍ବାଙ୍ଗୀନ ବିକାଶରେ ତାଙ୍କ ସହଭାଗିତା ରହିବ। ବିଜେଡିର ବିକାଶମୂଳକ ଯୋଜନା ଯେପରି ସମସ୍ତ ଜିଲାବାସୀଙ୍କ ନିକଟକୁ ପହଞ୍ଚି ପାରିବ ସେନେଇ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସେହପରି ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନାମ ଘୋଷଣା କରିଛି। ଗତ ନିର୍ବାଚନରେ ପ୍ରମିଳା ମଲ୍ଲିକ ଏଠାରେ ୭୪,୫୩୨ ଭୋଟ ପାଇଥିଲାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବବିତା ମଲ୍ଲିକ ୩୬,୩୪୨ ଭୋଟ ପାଇଥିଲେ। ଏବେ ବବିତା ଭାଜପାକୁ ଲମ୍ଫ ଦେଇଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଏଠାରେ ଦ୍ୱିତୀୟ ଦଳ ଭାବରେ ଉଭା ହୋଇଛି। ତେବେ ବଦଳୁଥିବା ଜନମତକୁ ବିଜେଡି ସୁଧାର କରିବାରେ ସଫଳ ହୋଇପାରିଛି ବୋଲି ଦାବି କରୁଛି। କଂଗ୍ରେସର ମନୋରଞ୍ଜନ ଦାସ ଗଡ଼ ସୁଧାରିବାରେ ଲାଗିଛନ୍ତି । ଭାଜପା ଏଥର ବିଜୟ ନିଶ୍ଚିତ ବୋଲି ଦାବି କରୁଥିବାବେଳେ ଜନମତ କୁଆଡେ ଯାଉଛି ତାହା ଦେଖିବାକୁ ବାକି ରହିଛି । ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ(ଜିତୁ)ଙ୍କୁ ବିଜେଡି ପୁଣି ଭରସା କରିଛି। ଏଠାରେ ବିଜେଡି ଦୃଢ ସ୍ଥିତିରେ ରହିଛି ବୋଲି ଦାବି କରୁଥିବାବେଳେ କେତେକ ଅର୍ନ୍ତଘାତି ଫଳାଫଳକୁ ପ୍ରଭାବିତ କରିବେ ବୋଲି କୁହାଯାଉଛି । ଗତ ନିର୍ବାଚନରେ ଜିତୁ ଏଠାରେ ୧,୦୯,୨୪୧ ଓ କଂଗ୍ରେସରୁ ଶ୍ରୀନାଥ ମିଶ୍ର ୨୩,୪୫୫ ଭୋଟ ପାଇଥିଲେ। ଜିତୁ ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେତେବେଳ ତାଙ୍କ ପିତା କଳ୍ପତରୁଙ୍କ ନିର୍ବାଚନ ପରିଚାଳନା ଜିତୁଙ୍କୁ ଏହି ରେକର୍ଡର ଅଧିକାରୀ ହେବାରେ ସହାୟକ ହୋଇଥିଲା। ତେବେ ଏବେ ପରିସ୍ଥିତି ବଦଳି ଯାଇଛି। ଲଘୁ ଖଣିଜ ଦ୍ରବ୍ୟ ଲୁଟ, ସରକାରୀ ଜମି ହଡପ ଆଦି ଅଭିଯୋଗରେ ଜିତୁ ଛନ୍ଦି ହୋଇପଡିଛନ୍ତି। ଯାହାକି ବିରୋଧିଙ୍କ ପ୍ରମୁଖ ଅସ୍ତ୍ର ହେବ ବୋଲି ଆଲୋଚନା ହେଉଛି। ସୁକିନ୍ଦା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିଛି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇ ଆସୁଛି। ତେବେ ଚଳିତ ନିର୍ବାଚନରେ ଭାଜପାର ଜନମତ ବୃଦ୍ଧି ହୋଇଥିବାରୁ କଂଗ୍ରେସ ପାଇଁ ବୁମେରାଂ ହେବ ବୋଲି କୁହାଯାଉଛି । କଂଗ୍ରେସ ଓ ବିଜେଡିରୁ ନେତାଙ୍କ ମିଶାଣ ଫେଡ଼ାଣ ହୋଇଥିବାରୁ ଏହି ପରିସ୍ଥିତି ଦେଖା ଦେଇଛି। ତଥାପି ବିଜେଡିର ଜନମତ ଅପରିବର୍ତ୍ତିତ ରହିଥିବା ବିଜେଡି ନେତା ଦାବି କରୁଛନ୍ତି ।

■ ଯୁବତୀଙ୍କୁ ଗଣବଳାତ୍କାର ଘଟଣା

# ୯ ମାସ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ବିଞ୍ଝାରପୁର, ୨୭।୩(ଡି.ଏନ୍.ଏ.)**

ବିଞ୍ଝାରପୁର ଅଞ୍ଚଳରେ ଗତ ବର୍ଷ ଜୁନ ୧୯ରେ ହୋଇଥିବା ଏକ ଗଣ ବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋପୀନାଥ ବେହେରାଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ୯ ମାସ ହେବ ପୋଲିସ ଆଖିରେ ଧୂଳିଦେଇ ଗୋପୀନାଥ ଫେରାର ରହିଥିଲେ। କୌଣସି ସୂତ୍ରରୁ ଖବର ପାଇ ବିଞ୍ଝାରପୁର ଥାନା ଅଧିକାରୀ ଶିବ ଚରଣ ବେହେରା ବିଳମ୍ବିତ ରାତିରେ ଗୋପୀନାଥଙ୍କ ଘରେ ଚଡାଉ କରି ତାଙ୍କୁ ଗିରଫ କରିଥିଲେ। ଗୁରୁବାର ଡାକ୍ତରୀ ମାଇନା ପରେ ଗୋପିନାଥଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ବିଞ୍ଝାରପୁର ବ୍ଲକ ଅଞ୍ଚଳର ଜଣେ ଯୁବତୀ ଗତ ଗତବର୍ଷ ଜୁନ୍ ୭ ତାରିଖରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଥିଲା। ନିଖୋଜର କିଛିଦିନ ପରେ ସମ୍ପୃକ୍ତ ଯୁବତୀ ଜଣଙ୍କ ଫୋନ୍ ଯୋଗେ ପରିବାର ଲୋକଙ୍କୁ ନିଜ ବିଷୟରେ ଜଣାଇଥିଲେ। ପରିବାର ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଯାଇଥିଲା। ଏହି ଅପହରଣ ଓ ବଳାତ୍କାର ଘଟଣାରେ ଯୁବତୀଙ୍କ ମାମୁ ପୁଅଭାଇ ଗୁରିଆ ସେଠୀ ମାଷ୍ଟର ମାଇଣ୍ଡ ବୋଲି ଜାଣିବାକୁ ପାଇଥିଲେ। ପରେ ପରିବାର ଓ ଗ୍ରାମବାସୀ ଗୁରିଆଙ୍କୁ ଧରିବା ସହ ପୀଡିତାଙ୍କୁ ବିଞ୍ଝାରପୁର ହାଟ ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ଯୁବତୀ ଜଣଙ୍କ ସୟଦପୁର ଗ୍ରାମର ଗୋପୀନାଥ ବେହେରାଙ୍କୁ ଭଲ ପାଉଥିଲେ। ଗୁରିଆ ସେଠୀ ଉଭୟଙ୍କ ମଧ୍ୟରେ ମଧ୍ୟସ୍ଥି କାମ କରୁଥିଲେ। ପରେ ଯୁବତୀ ଜଣଙ୍କ ନିଜ ମାମୁ ପୁଅ ଭାଇ ଗୁରିଆ ଓ ମୁଖ୍ୟ ଅଭିଯୁକ୍ତ ଗୋପୀନାଥ ବେହେରାଙ୍କ ବିବାହର ପ୍ରଲୋଭନର ଶିକାର ହୋଇ ନିଜ ଘରୁ ଲୁଚି ପଳାଇ ଆସିଥିଲେ। କିନ୍ତୁ ଗୋପୀନାଥ ବିବାହିତ ଓ ପିଲାଛୁଆର ବାପା ହୋଇଥିବା ଜାଣି ଯୁବତୀ ଜଣଙ୍କ ବିରୋଧ କରିବାରୁ ତାଙ୍କୁ ନିଶା ଖୁଆଇ ଯାଜପୁର ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଗଣବଳାତ୍କାର କରାଯାଇଥିବା ପୀଡିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ( ୧୪୬/୧୮) ଏକ ମାମଲା ରୁଜୁ କରିବା ସହ ପୀଡିତାଙ୍କ ଡାକ୍ତର ମାଇନା କରି ବୟାନ ରେକର୍ଡ କରିଥିଲା ।



## ସଂକ୍ଷେପରେ

### ପ୍ରାର୍ଥୀ ଘୋଷଣା ପରେ ଜିଲା ବିଜେଡିରେ ଉତ୍ସାହ



**କେନ୍ଦ୍ରାପଡା ଅଫିସ୍, ୨୭।୩:** କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରେ ଚତୁର୍ଥ ପର୍ଯ୍ୟାୟରେ ଭୋଟଗ୍ରହଣ ହେବ। ଏଥିପାଇଁ ଆସନ୍ତା ଏପ୍ରିଲ ୨ ତାରିଖରୁ ନାମାଙ୍କନ ପତ୍ର ଦାଖଲ ହେବ। କେନ୍ଦ୍ରାପଡ଼ା ଲୋକସଭା ଓ ୭ଟି ବିଧାନସଭା ପାଇଁ ଭାଜପା ଓ କଂଗ୍ରେସ ପକ୍ଷରୁ କେତେଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବା ବେଳେ ବୁଧବାର ଅପରାହ୍ଣରେ ବିଜେଡି ସମସ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିଛି। କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ରାଜ୍ୟ ସଭା ସଦସ୍ୟ ତଥା ଅଭିନେତା ଅନୁଭବ ମହାନ୍ତିଙ୍କୁ ଦଳ ଟିକେଟ ଦେଇଛି। ସେହିପରି ଆଳି ବିଧାନସଭା ଅସନ ଲାଗି ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାନସଭା ପାଇଁ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ପାଟକୁରା ବିଧାନସଭା ଆସନ ପାଇଁ ବେଦପ୍ରକାଶ ଅଗ୍ରୱାଲଙ୍କ ନାମ ଘୋଷଣା ହୋଇଛି। ଦଳର ସଭାପତି ନବୀନ ପଟ୍ଟନାୟକ ଏହି ପ୍ରାର୍ଥୀ ତାଲିକା ଘୋଷଣା ପରେ ଜିଲା ବିଜେଡିରେ ପ୍ରବଳ ଉତ୍ସାହ ଦେଖାଦେଇଛି। କର୍ମୀମାନେ ସହରର ମେଡିକାଲ ଛକ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହିତ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ। ଏଥିସହିତ ପ୍ରାର୍ଥୀଙ୍କୁ ସ୍ୱାଗତ କରି ବାଣ ଫୁଟାଇଥିଲେ। କେନ୍ଦ୍ରାପଡା ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ଆଚରଣ ବିଧି ଉଲ୍ଲଂଘନ ତଦାରଖ କରିବ ୩ ଟିମ୍

**କେନ୍ଦ୍ରାପଡା ଅଫିସ, ୨୭।୩:** କେନ୍ଦ୍ରାପଡା ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଏପ୍ରିଲ ୨୯ରେ ଭୋଟ ଗ୍ରହଣ ହେବ। ଏହି ନିର୍ବାଚନରେ ଆଚରଣ ବିଧି ଉଲ୍ଲଂଘନ ତଦାରଖ ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଅଧକ୍ଷତାରେ ୩ଟି ଟିମ୍‌କୁ ପ୍ରଶିକ୍ଷିତ କରାଯାଇଛି। ଫ୍ଲାଇଙ୍ଗ ସ୍କ୍ୱାଡ, ଭିଡିଓ ସର୍ଭିଲାନ୍ସ ଓ ଷ୍ଟାଟିଷ୍ଟିକ୍ସ ଟିମ ନିର୍ବାଚନରେ ଅବତୀର୍ଣ୍ଣ ପ୍ରତ୍ୟେକ ପ୍ରାର୍ଥୀଙ୍କ ସମସ୍ତ ରାଜନୈତିକ କାର୍ଯ୍ୟକଳାପକୁ ସମୀକ୍ଷା କରିବ। ଏହି ଟିମ ଆଦର୍ଶ ଆଚରଣ ବିଧି, ମଦ ଓ ଅର୍ଥ କାରବାର, ବିନା ଅନୁମତିରେ ପ୍ରଚାର, ପ୍ରଚାରରେ ସାମିଲ ଯାନବାହନ ସଂଖ୍ୟା ଆଦିକୁ ନିରୀକ୍ଷଣ କରିବ ବୋଲି ଜିଲାପାଳ ଦାଶରଥି ଶତପଥୀ ବୁଧବାର ସୂଚନା ଦେଇଛନ୍ତି। ପ୍ରଶିକ୍ଷଣ ଶିବିରରେ ଜିଲାପାଳ ଶତପଥୀ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ସହକାରୀ ଜିଲାପାଳ ବିକ୍ରମ ପରିଡା, ସମ୍ବିତ ଶତପଥୀ, ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡାଙ୍କ ସମେତ ଜିଲାର ସମସ୍ତ ଥାନା ଅଧିକାରୀ ସାମିଲ ହୋଇଥିଲେ।

### ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ



**ମାର୍ଶାଘାଇ, ୨୭।୩ (ଡିଏନଏ):** ମାର୍ଶାଘାଇ ଜାଭିୟର ହାଇସ୍କୁଲର ୫ମ ବାର୍ଷିକୋତ୍ସବ ବୁଧବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପି.ଏମ. ରାଜେଶ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ କଟକ ସିଦ୍ଧେଶ୍ୱର ଜାଭିୟର ହାଇସ୍କୁଲର ନିର୍ଦ୍ଦେଶକ ପ୍ରଫେସର ଖାଲିକୁଜ ଜମାନ ଖାଁ,କଟକ ଜାଭିୟର ହାଇସ୍କୁଲ ଓ ରିସର୍ଚ୍ଚ ସେଣ୍ଟରର ଅଧକ୍ଷ ଏଚ. ପରିଡା, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ହରେକୃଷ୍ଣ ଦାସ, ପ୍ରମୋଦ କୁମାର ଚୌଧୁରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ତରଫରୁ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏହାଛଡା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି

**କେନ୍ଦ୍ରାପଡ଼ା ଅଫିସ୍, ୨୭।୩**

ସାଧାରଣ ନିର୍ବାଚନ ହେଉ କି ପଞ୍ଚାୟତ ନିର୍ବାଚନ, ନିର୍ବାଚନ ପୂର୍ବରୁ ରାଜନେତାମାନେ ଜନତାଙ୍କୁ ପ୍ରତିଶ୍ରୁତିରେ ପୋତୁଥିବା ବେଳେ ଭୋଟ ସରିଲେ ସବୁ ପ୍ରତିଶ୍ରୁତି ପାଣିଫୋଟକା ପରି ଫାଟିଯାଏ। ଫଳରେ ଅନେକ ସ୍ଥାନରେ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧା ପାଇପାରୁ ନାହାନ୍ତି। କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ଅନେକ ସ୍ଥାନରେ ଏଭଳି ଅସୁବିଧା ଥିବା ବେଳେ ମୌଳିକ ସମସ୍ୟା ସମାଧାନ କରା ନଗଲେ ଏଥର ଭୋଟର ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଆସନ୍ତା ଏପ୍ରିଲ ୨୯ରେ କେନ୍ଦ୍ରାପଡା ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଶାୟୀ ପ୍ରାର୍ଥୀ ପ୍ରତ୍ୟେକ ଗ୍ରାମକୁ ଯାଇ ଦଳୀୟ ଓ ବ୍ୟକ୍ତିଗତ ଆଭିମୁଖ୍ୟ ପ୍ରକାଶ କରୁଥିବା ବେଳେ ପ୍ରତିପକ୍ଷଙ୍କ ଦୁର୍ବଳତାକୁ ପ୍ରଚାରରେ ସାମିଲ କରୁଛନ୍ତି। ମାତ୍ର ସ୍ୱାଧୀନତାର ୭୨ ବର୍ଷ ପରେ ବି ମୌଳିକ ଆବଶ୍ୟକତା ପୂରଣ ହୋଇ ନଥିବା ଦର୍ଶାଇ ଗ୍ରାମବାସୀ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିବା ରାଜନେତାଙ୍କୁ ଦର୍ଶାଉଛନ୍ତି। ବିଶେଷକରି ଜିଲାର ଉପାନ୍ତ ଅଞ୍ଚଳ ମହାକାଳପଡ଼ା, ଆଳି ଓ ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ଏଭଳି ନିଷ୍ପତ୍ତି ନେଉଥିବା ଦେଖିବାକୁ ମିଳିଛି।

ମହାକାଳପଡ଼ା ବ୍ଲକ ବଟିଘର, ଶବରପଡ଼ା, କଣ୍ଡରାପାଟିଆ, ରାଜନଗର ବ୍ଲକର ଓକିଲପାଳ, ଈଶ୍ୱରପୁର, ଦେବେନ୍ଦ୍ର ନାରାୟଣପୁର, ଗୁପ୍ତି, ବାରହାପୁର, ଖୋଲା, ତାଲଚୁଆ, ରଙ୍ଗଣୀ, ନଳିତାପାଟିଆ ଆଦି ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଗ୍ରାମରେ ଜଙ୍ଗଲଜମିକୁ ସ୍ଥାନୀୟ ଅଧିବାସୀଙ୍କ ଅଧିକାରକୁ ଆଣିବାକୁ ଦାବି ହେଉଛି। ସେହିପରି ଆଳି ବ୍ଲକ ପଦନୀପାଳ, ଏକମାଣିଆ ଆଦିକୁ ସେତୁ ନଥିବା ଦର୍ଶାଇ ଗ୍ରାମବାସୀ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଥିବା ସାମାଜିକ ଗଣମାଧ୍ୟମରେ ସୂଚନା ମିଳୁଛି। ଏଠାରେ ଦଳୀୟ ଇସ୍ତାହାର ଅପେକ୍ଷା ଆଞ୍ଚଳିକ ସମସ୍ୟା ଗୁରୁତ୍ୱ ବହନ କରୁଥିବା ବୁଦ୍ଧିଜୀବୀ ଓ ରାଜନୈତିକ ବିଶ୍ଳେଷକ କହିଛନ୍ତି।

**ଏପ୍ରିଲ ୨୯ରେ ମତଦାନ**

### ଏମାନେ କୁହନ୍ତି..

- ଜଙ୍ଗଲ ଆଇନ ମଧ୍ୟରେ ଜୀବନ ପେଷି ହୋଇଯାଇଛି। ପୂର୍ବ ପୁରୁଷ ଅମଳରୁ ଏଠାରେ ବସବାସ କରି ଆସୁଥିଲେ ମଧ୍ୟ ସଂରକ୍ଷିତ ଜଙ୍ଗଲ ସୀମା ମଧ୍ୟରେ ରହିଥିବାରୁ ଜମି ପଟ୍ଟା ମିଳୁନି। ସେହିପରି ଏହି ଅଞ୍ଚଳରେ ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ୍ ଓ ରାସ୍ତା ପରି ମୌଳିକ ସୁବିଧା ଯୋଗାଇ ଦିଆଯାଉନାହିଁ। ଜଙ୍ଗଲ ମଧ୍ୟରେ ଡାଳ ଖଣ୍ଡେ ଭାଙ୍ଗିଲେ ବନବିଭାଗ ଗିରଫ କରି ଜେଲରେ ପୂରାଇ ଦେଉଛି। ପ୍ରତି ନିର୍ବାଚନରେ ରାଜନେତା ଏହି ସମସ୍ୟା ସମ୍ପର୍କରେ ଶୁଣି ଏହାର ସମାଧାନ କରିଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ନିର୍ବାଚନ ସରିଲେ ସେମାନଙ୍କ ଦେଖାମିଳୁନି। ଆସନ୍ତା ନିର୍ବାଚନ ପୂର୍ବରୁ ଏ ସମସ୍ୟାର ସମାଧାନ ନ ହେଲେ ସମୂହ ଭୋଟ ବର୍ଜନ ହେବ।
  **-ମହେନ୍ଦ୍ର ମଣ୍ଡଳ, ଓକିଲପାଳ**
- ଜମି ପଟ୍ଟା ପାଇଁ ଜିଲା ପ୍ରଶାସନ ଓ ରାଜନେତାଙ୍କ ନିକଟରେ ବାରମ୍ବାର ଗୁହାରି କରିଛୁ। ସମସ୍ତେ ଏ ନେଇ ପ୍ରତିଶ୍ରୁତି ଦେଉଛଥିବା ବେଳେ ସ୍ଥାୟୀ ପଟ୍ଟା ଖଣ୍ଡେ ଆଜିଯାଏଁ ମିଳିନି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସରକାରୀ ଯୋଜନାରୁ ବାଦ ପଡୁଥିବାରୁ ସରକାର ଗଠନ ପାଇଁ ଭୋଟ କାହିଁକି ଦେବୁ?
  **-ବିକାଶ କୁମାର ସରକାର, ବଟିଘର**
- ଜିଲାର ୩୭ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ସମୁଦ୍ର ଓ ଆଖପାଖ ନଦୀନାଳରେ ମାଛ ଧରି ଜୀବିକା ନିର୍ବାହ କରନ୍ତି। ମାତ୍ର ପ୍ରତିବର୍ଷ ନଭେମ୍ବରରୁ ମେ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ରହୁଥିବାରୁ ସେମାନଙ୍କ ଜୀବନଜୀବିକା ବିପନ୍ନ ହେଉଛି। ଏ ନେଇ କେନ୍ଦ୍ର ଅଥବା ରାଜ୍ୟ ସରକାର କୌଣସି ସକାରାତ୍ମକ ଚିନ୍ତାଧାରା ଆଣିନାହାନ୍ତି।
  **-ପ୍ରମିଳା ସେଠୀ, କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟଜୀବୀ ଫୋରମ୍ ସଦସ୍ୟା**
- ଏହି ଜିଲାର ନେତା ରାଜ୍ୟ ଓ ଜାତୀୟ ରାଜନୀତିରେ ନିଜର ପ୍ରତିପତ୍ତି ହାସଲ କରିଛନ୍ତି। କିନ୍ତୁ ଏମାନେ ଜିଲାର ଉନ୍ନୟନ ପ୍ରତି ଦୃଷ୍ଟି ଦେଉନାହାନ୍ତି। କ୍ଷେତକୁ ଜଳ ପରିଚାଳନା ଏଠାରେ ସମସ୍ୟା ଥିବା ବେଳେ ସମାଧାନ ପାଇଁ ଆଶାନୁରୂପକ ରାଜନେତାଙ୍କ ପକ୍ଷରୁ ହେଉନାହିଁ। ତେବେ ଭୋଟ ବର୍ଜନ ଧମକ ପ୍ରତି ନିର୍ବାଚନ ପୂର୍ବରୁ ଅଞ୍ଚଳବାସୀ ଦେଇଥାନ୍ତି ବୋଲି ସେମାନେ ମତ ଦେଇଛନ୍ତି।
  **-ରାଜନୈତିକ ବିଶ୍ଳେଷକ ରାଧାକାନ୍ତ ମହାନ୍ତି, ମାତୃଦତ୍ତ ମହାନ୍ତି**
- ଆଞ୍ଚଳିକ ସମସ୍ୟାର ସମାଧାନକୁ ପ୍ରଶାସନ ଗୁରୁତ୍ୱ ଦେଇଛି। ଜମି ପଟ୍ଟା ଯୋଗାଇବା, ଥଇଥାନ କରିବା, ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଦିକୁ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଇ ଆସିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ସମସ୍ତ ଭୋଟର ନିର୍ବାଚନରେ ଭାଗ ନେବା ପାଇଁ ସଚେତନତା ସୃଷ୍ଟି କରାଯାଇଛି। ଭୋଟ ବର୍ଜନ ପରି ସମସ୍ୟା ପ୍ରଶାସନର ଦୃଷ୍ଟିକୁ ଆସିନାହିଁ। ଏହାଦ୍ୱାରା କୌଣସି ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ନଥାଏ ବୋଲି ସେ ପ୍ରକାଶ କରିଛନ୍ତି।
  **-ଜିଲାପାଳ ଦାଶରଥି ଶତପଥୀ**

### ତୁଳସୀ ଗାର୍ଡେନ ପ୍ରୋଜେକ୍ଟ ଫ୍ଲାଟ୍ ଠକେଇ ମାମଲା: ପୁଅ ପରେ ଜେଲ୍ ଗଲେ ବାପା ଗଗନବିହାରୀ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

ତୁଳସୀ ଗାର୍ଡେନ ପ୍ରୋଜେକ୍ଟରେ ସୁଲଭ ମୂଲ୍ୟରେ ଫ୍ଲାଟ୍ ଯୋଗାଇ ଦେବା ଆଳରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ବଳଦେବଜୀଉ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମିଶ୍ରଙ୍କ ବାପା ଗଗନ ବିହାରୀ ମିଶ୍ର। ଗଗନ ହେଉଛନ୍ତି ତୁଳସୀ ସ୍ପାଇସେସ୍ ଆଣ୍ଡ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଓ ତୁଳସୀ ଫ୍ଲୋର ମିଲ୍ସର ନିର୍ଦ୍ଦେଶକ। ବୁଧବାର ତାଙ୍କୁ କଟକ ଓପିଆଇଡି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ଦୁର୍ଗାପ୍ରସାଦଙ୍କୁ ଗତବର୍ଷ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସେବେଠାରୁ ସେ ଜେଲରେ ରହିଥିବାବେଳେ ଏବେ ବାପା ଗଗନଙ୍କୁ ଜେଲ୍ ଯିବାକୁ ପଡିଛି।

## ଚତୁର୍ଥ ବାର୍ଷିକ ଫଗୁଣ ମହୋତ୍ସବ



ମହୋତ୍ସବରେ ଅତିଥି ଓ ଅନ୍ୟମାନେ।

**ଡେରାବିଶ, ୨୭।୩ (ସ୍ୱ.ପ୍ର.)**

ବାଲିଆ ମେଳଣ ପଡ଼ିଆଠାରେ କେନ୍ଦ୍ରାପଡ଼ା ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେନ୍ଦ୍ରାପଡ଼ା ସେବା ସମିତି ପକ୍ଷରୁ ଚତୁର୍ଥ ଫଗୁଣ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ମନୋଜ କୁମାର ନାୟକ ଉତ୍ସବରେ ଅଧକ୍ଷତା କରିଥିଲେ। ଏଥିରେ ବରିଷ୍ଠ ଖବରଦାତା ହରିହର ତ୍ରିପାଠୀ ମୁଖ୍ୟଅତିଥି ଓ ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ, ବାସ୍ତୁବିତ ମନୋଜ ଲେଙ୍କା, ସରପଞ୍ଚ ଚିତ୍ତରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱବନ୍ଧୁ ସାହୁ ବାର୍ଷିକ ବିବରଣୀ ପାଠ କରିଥଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିବା ରାଜେଶ ମହାରଣା, ମହାକାଳପଡ଼ା ଯୁବଗୋଷ୍ଠୀ, କଣ୍ଠଶିଳ୍ପୀ ସସ୍ମିତା ମିଶ୍ର, ଯୁବ କ୍ରୀଡ଼ାବିତ୍ ଦିନେଶ ବାରିକ, ପ୍ରମୋଦ ସାହୁ, ଅଭିନେତା ଆଶିଷ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସୁବ୍ରତ ରାଉତ ଓ ଜୟଶ୍ରୀ ପତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ କୋଷାଧକ୍ଷ ପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାକର ସାମଲ, ନିର୍ମଳ ଭଦ୍ର, ବିଶ୍ୱପ୍ରକାଶ ବେଜ, ସଂଗ୍ରାମ ମଲ୍ଲିକ, ଶିବାଶିଷ ମହାନ୍ତି, ନୟନମଣି ସାମଲ, ହୃଷୀକେଶ ସାହୁ, ସତ୍ୟସ୍ୱରୂପ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିକୋରେ ବିଜେଡି କର୍ମୀ ସମ୍ମିଳନୀ

**ରାଜକନିକା, ୨୭।୩ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ସିକୋ ପଞ୍ଚାୟତ ଡାଲିକେଏନ୍ଦାସ୍ଥିତ ସରସ୍ୱତୀ ପଡିଆଠାରେ ବିଜେଡିର କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ବିଜେଡି ପକ୍ଷରୁ ଆୟୋଜିତ ଆଜିର ସମାବେଶରେ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ ବିଜେଡି ସରକାରର ସମସ୍ତ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଆଳି ବିଧାନସଭା ଓ କେନ୍ଦ୍ରାପଡ଼ା ଲୋକସଭା ଆସନରେ ବିଜେଡିକୁ ବହୁମତରେ ବିଜୟୀ କରାଇବାକୁ ବରିଷ୍ଠ ନେତା ବିକାଶ ଦାସ, ସରପଞ୍ଚ ଗାୟତ୍ରୀ ଜେନା, ପୂର୍ବତନ ସରପଞ୍ଚ ଫକୀର ଦାସ, ବସୁଦେବ ସ୍ୱାଇଁ, ଅନନ୍ତ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇଥିଲେ।

## ମଦ ଦୋକାନ ବନ୍ଦ ଦାବିରେ ରାସ୍ତାରୋକୋ

**କେନ୍ଦ୍ରାପଡା ଅଫିସ, ୨୭।୩**



ତିନିମୁହାଣିଠାରେ ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ନାଗେଶ୍ୱରପୁରଠାରେ ଥିବା ମଦ ଦୋକାନ ବନ୍ଦ ଦାବିରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସହରର ତିନିମୁହାଣିଠାରେ ବୁଧବାର ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଜିଲା ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ପ୍ରାୟ ଅଧଘଣ୍ଟା ଧରି ଚାଲିଥିବା ରାସ୍ତାରୋକୋ ହଟିଥିଲା। ଏ ସମ୍ପର୍କରେ ଆନ୍ଦୋଳନକାରୀ ହୀରାମଣି ରାଉତ କୁହନ୍ତି, ଏହି ମଦ ଦୋକାନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମଦ ଦୋକାନ ବନ୍ଦ ପାଇଁ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରା ଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବାରୁ ରାସ୍ତାରୋକୋ କରାଯାଇଛି। ଏନେଇ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦିଆଯାଇଛି। ଆଗାମୀ ୭ ଦିନ ମଧ୍ୟରେ ମଦ ଦୋକାନ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ରାସ୍ତାରୋକୋରେ ୫୦ରୁ ଅଧିକ ମହିଳା ସଦସ୍ୟା ଯୋଗ ଦେଇଥିଲେ।

## ରାଜକନିକାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ରାଜକନିକା, ୨୭।୩ (ଡି.ଏନ୍.ଏ.)**

ରାଜକନିକାସ୍ଥିତ ରାଜବାଟି ମେଳଣ ପଡିଆଠାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠନେତା ବିକାଶ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ମିଶନ ଶକ୍ତି ସଂଯୋଜିକା ସଂଯୁକ୍ତା ଶତପଥୀ, ବ୍ଲକ ମହିଳା ସ୍ୱାସ୍ଥ୍ୟକର୍ମୀ ସହ ସଂଯୋଜିକା ଅନସୁୟା ବେହେରା, ବରୁଣାଡିହା ସମିତିସଭ୍ୟ ବିକାଶ ମଲିକ, ଜିଲା ପରିଷଦ ସଭ୍ୟା କଳ୍ପନା ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ମହିଳା ସରପଞ୍ଚ, ସମିତିସଭ୍ୟା ଓ ୱାଡସଭ୍ୟାମାନେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ସମର୍ଥନ କରିବାକୁ ଏହି କାର୍ଯ୍ୟକ୍ରମ ଅବସରରେ ବିଜେଡି କର୍ମୀ ଓ ନେତାମାନେ ଭୋଟରଙ୍କୁ ନିବେଦନ କରିଥିଲେ।

## ବିନୋରୀ ଭକ୍ତ ଗୋଷ୍ଠୀର ବାର୍ଷିକ ସମ୍ମିଳନୀ



ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ଭଜନ ପରିବେଷଣ କରାଯାଉଛି।

**ମାର୍ଶାଘାଇ,୨୭।୩(ଡିଏନଏ)**

ମାର୍ଶାଘାଇ ବ୍ଲକ ଦୁମୁକା ଓ କାନପୁର ଗ୍ରାମର ବିନୋରୀ ଭକ୍ତ ଗୋଷ୍ଠୀର ୬ଷ୍ଠ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ବକ୍ରମହାକାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଏକ ସୁସଜ୍ଜିତ ବିମାନରେ ଠାକୁର ଅଭିରାମ ପରମହଂସ ଦେବଙ୍କ ବିଗ୍ରହକୁ ଗ୍ରାମ ପରିକ୍ରମା କରାଯିବା ପରେ ମନ୍ଦିର ନିକଟ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଷୋଡଶ ଉପଚାର ପୂଜା କରାଯାଇ ବିନୋରୀ ଭକ୍ତମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ତେଇ ବେଲବଣ ଆଶ୍ରମର ବାବା ସୁଧାନନ୍ଦ ଦାସ ପୌରୋହିତ୍ୟ କରିଥିଲେ। ଦଶୁଆପଲୀ ଆଶ୍ରମର ବାବା ଶ୍ରୀନିବାସ ଦାସ ମହାରାଜ, କେନ୍ଦ୍ରାପଡା ଜିଲା ସଭାପତି ରବିନ୍ଦ୍ର ଦାସ, ଭୁବନ ମୋହନ ପରିଡା, ଧନେଶ୍ୱର ଦାସ, ନୃସିଂହ ଚରଣ ସେଠୀ, ପ୍ରଫୁଲ ଦାସ ଓ ଶତଦଳ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭାଜପାର ବିଜୟ ସଂକଳ୍ପ ଯାତ୍ରା

**ମହାକାଳପଡ଼ା/ମାର୍ଶାଘାଇ, ୨୭।୩ (ଡି.ଏନ୍.ଏ.)**



ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀମାନେ।

ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଧବାର ଭାଜପାର ବିଜୟ ସଙ୍କଳ୍ପ ଆଞ୍ଚାମାଳ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ କ୍ରସିଂଠାରୁ ଏହି ଶୋଭାଯାତ୍ରା ବାହାରି ମହାକାଳପଡ଼ା ବ୍ଲକ ରାମନଗର ରାମଚଣ୍ଡୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ବରିଷ୍ଠ ନେତା ଭୁବନମୋହନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା, ରାଜନଗର ପୂର୍ବତନ ବିଧାୟକ ଅଲେଖଚନ୍ଦ୍ର ଜେନା, ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ନାରୀନେତ୍ରୀ ଗୀତାଞ୍ଜଳି ସେଠୀ, କାନନବାଳା ଦାସ, ସୁକାନ୍ତ ଦାସ, ପବିତ୍ର ପରିଡ଼ା, ପ୍ରସନ୍ନ ପରିଡ଼ା, ପ୍ରଦୀପ ମହାପାତ୍ର, ପ୍ରକାଶ ନାଥ, ମାର୍ଶାଘାଇ ଜୋନ ସଭାପତି ଇଂ. ପ୍ରକାଶ ଦାସ, ପ୍ରକାଶ ବେହେରା, ହେମନ୍ତ ପରିଡ଼ାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ବରୁଣେଇରେ ପ୍ରକୃତି ଶିବିର




ଶିବିରରେ ଉପସ୍ଥିତ ବନ ବିଭାଗ ଅଧିକାରୀମାନେ।

**ରାଜନଗର, ୨୭।୩ (ଡି.ଏନ୍.ଏ.)**

ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ମଙ୍ଗଳବାର ବଙ୍ଗୋପସାଗର ତଟବର୍ତ୍ତୀ ବରୁଣେଇ ବେଳାଭୂମି ଠାରେ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ସତ୍ୟଭାମାପୁରଠାରେ ଥିବା କସ୍ତୁରବା ଗାନ୍ଧୀ ନ୍ୟାସନାଲ ମେମୋରିଆଲ ଟ୍ରଷ୍ଟ ଇକୋ କ୍ଲବର ୪୦ଜଣ ଛାତ୍ରୀ ଏହି ଶିବିରରେ ଯୋଗ ଦେଇଥିଲେ। ପୂର୍ବାହ୍ଣ ୧୦ଟାରେ ଛାତ୍ରୀମାନେ ରାଜନଗର ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରକୃତି, ପରିବେଶ ଓ ଭିତରକନିକା ବିଭବକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବରୁଣେଇ ସଂରକ୍ଷିତ ଜଙ୍ଗଲରେ ପହଞ୍ଚିବା ପରେ ସେଠାରେ ହେନ୍ତାଳବଣ, ରଙ୍ଗବେରଙ୍ଗର ପକ୍ଷୀ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସଂପର୍କରେ ଜ୍ଞାନ ଆରୋହଣ କରିଥିଲେ। ଏହି ଅବସରରେ ବରୁଣେଇରୁ ପେଣ୍ଠ ପର୍ଯ୍ୟନ୍ତ ବେଳାଭୂମିରେ ପଡି ରହିଥିବା ବର୍ଜ୍ୟବସ୍ତୁକୁ ସଫା କରିଥିଲେ। ଅପରାହ୍ଣରେ ବରୁଣେଇଠାରେ ଅତିରିକ୍ତ ବନ ସଂରକ୍ଷକ ଅମରେଶ ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ସେଞ୍ଚୁରିଆନ ୟୁନିଭରସିଟିର ଆସୋସିଏଟ ପ୍ରଫେସର ଡ. ଶିବ ପ୍ରସାଦ ପରିଡା, ଇକୋ କ୍ଲବର ଜିଲା ସଂଯୋଜକ ଗୋପୀନାଥ ଦାସ, ମାଷ୍ଟର ଟ୍ରେନର ରବିନ୍ଦ୍ର ଜେନା, ଅତିରିକ୍ତ ବନସଂରକ୍ଷକ ହରେକୃଷ୍ଣ ମଲ୍ଲିକ, ପ୍ରଦୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଭିତରକନିକାର ଜୈବ ବିବିଧତା ସଂପର୍କରେ ଟିକିନିଖି ତଥ୍ୟ ପ୍ରଦାନ କରିଥିଲେ। ଜାତୀୟ ଉଦ୍ୟାନର ବନପାଳ ନବୀନ ଚନ୍ଦ୍ର ମଲ୍ଲିକ, ରଞ୍ଜନ କୁମାର ପାଣି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ବୁଧବାର ଏହି ଶିବିରାର୍ଥୀମାନେ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ କରିଥିଲେ।

# ପ୍ରାର୍ଥୀ ଚୟନ ଉପରେ ସମସ୍ତଙ୍କ ନଜର

**ପଟ୍ଟାମୁଣ୍ଡାଇ,୨୭।୩ (ସ୍ୱ.ପ୍ର.)**

**ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ**



କେନ୍ଦ୍ରାପଡ଼ା ଲୋକସଭା ଆସନ ଅନ୍ତର୍ଗତ ରାଜନଗର ନିର୍ବାଚନମଣ୍ଡଳୀର ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ଇତିମଧ୍ୟରେ ଏହି ବିଧାନସଭା ଆସନ ପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ବୁଧବାର କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀର ଅନ୍ୟ ତିନୋଟି ବିଧାନସଭା ଆସନ ପାଟକୁରା, ଆଳି ଓ ମହାକାଳପଡା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ସାରିଛି। ରାଜନଗର ଓ କେନ୍ଦ୍ରାପଡା ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଅଦ୍ୟାବଧି ଘୋଷଣା ହୋଇନାହିଁ। ତେବେ ସବୁଠୁ ସମ୍ବେଦନଶୀଳ ରାଜନଗର ଆସନରୁ ବିଜେଡି କାହାକୁ ପ୍ରାର୍ଥୀ କରିବ ତା ଉପରେ ସମସ୍ତଙ୍କ ନଜର ରହିଛି। ବର୍ତ୍ତମାନ ସୁଦ୍ଧା ରାଜନଗର ଆସନ ପାଇଁ ଦଳ ପକ୍ଷରୁ ୭ ଜଣ ଆଶାୟୀ ପ୍ରାର୍ଥୀ ଅଛନ୍ତି।

କଂଗ୍ରେସ ଗଡ ରକ୍ଷା ପାଇଁ ଉଦ୍ୟମ ଚଳାଇଥିବା ବେଳେ ଭାଜପା ଆକ୍ରମଣାତ୍ମକ ଅଭିଯାନ ଆରମ୍ଭ କରିଛି। ଶାସକ ବିଜେଡି ମଧ୍ୟ ଏହି ଆସନ ହାତେଇବା ପାଇଁ ଅଣ୍ଟା ଭିଡିଛି। ଫଳରେ ରାଜନୈତିକ ପାଣିପାଗ ଦିନକୁଦିନ ଉଷ୍ମ ହେବାରେ ଲାଗିଛି। ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସରୁ ଏଥର ଟିକେଟ ପାଇଲା ପରେ ତାଙ୍କ ରାଜନୈତିକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାରେ ଲାଗି ପଡିଛନ୍ତି। ଭୋଟରମାନଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ପାଇଁ ବିଧାୟକ ମହାନ୍ତି ନିଜ ସମର୍ଥକମାନଙ୍କ ଗହଣରେ ବୁଲିବା ଆରମ୍ଭ କରି ଦେଇଛନ୍ତି। ସେହିପରି ଏହି ଆସନ ପାଇଁ ଭାଜପା ପକ୍ଷରୁ ଅଲେଖ ଜେନାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। କିନ୍ତୁ ତାଙ୍କୁ ବିରୋଧ କରି କେତେକ ଆଶାୟୀ ପ୍ରାର୍ଥୀ ଓ କର୍ମୀ ଏକାଠି ହୋଇଛନ୍ତି। ଭୁବନେଶ୍ୱରରୁ ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ତାଙ୍କ ବିରୋଧରେ ନାରାବାଜି ଚାଲିଛି। ଅପରପକ୍ଷରେ ଏହି ଆସନ ପାଇଁ ବିଜେଡିରୁ କିଏ ପ୍ରାର୍ଥୀ ହେବ ସେ ନେଇ ସଂଶୟ ଲାଗି ରହିଛି। ୨୦୧୪ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଧ୍ରୁବ ସାହୁ ପ୍ରାୟ ୫ହଜାର ଭୋଟରେ ପରାଜିତ ହୋଇଥିଲେ। ଏବେ ସେ ଏଠାରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ବେଳେ ଜୋରଦାର ଲବି ଚଳାଇଛନ୍ତି। ସେହିପରି ଏଥର ବିଜେଡି ଟିକେଟ ପାଇବା ପାଇଁ ସ୍ଥାନୀୟ ଅଞ୍ଚଳର ଯୁବନେତା ସଞ୍ଜୟ ଜେନା ଉଦ୍ୟମ ଚଳାଇଛନ୍ତି। ସେ ୨୦୦୨ ମସିହାରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ଖଣ୍ଡେ ଭୋଟରେ ପରାଜିତ ହୋଇଥିଲେ। ଜଣେ ଦକ୍ଷ ସଂଗଠକ ଭାବେ ସେ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ସେହିପରି କେନ୍ଦ୍ରାପଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଦୁର୍ଗାଶିଷ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲା ବିଜେଡି ଯୁବ ସଭାପତି ନିଶିକାନ୍ତ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜିତ କୁମାର ନାୟକ, ରାଜନଗର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଜଗବନ୍ଧୁ ନାୟକ , ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃତ୍ତିବାସ ପାତ୍ର ପ୍ରମୁଖ ଆଶାୟୀ ପ୍ରାର୍ଥୀ ଭାବେ ଦୌଡରେ ଅଛନ୍ତି। ତେବେ ରାଜନଗର ନିର୍ବାଚନମଣ୍ଡଳୀର ଭୋଟର ଜଣେ ଦକ୍ଷ, ସଚ୍ଚୋଟ ବ୍ୟକ୍ତିଙ୍କୁ ଭୋଟ ଦେଇ ନିର୍ବାଚିତ କରିବାକୁ ଚାହୁଁଛନ୍ତି। ଯିଏ ଲୋକଙ୍କ ସମସ୍ୟା ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବାକୁ ଆଗେଇ ଆସିବେ ସେଭଳି ପ୍ରାର୍ଥୀଙ୍କୁ ଭୋଟରମାନେ ଅଧିକ ପସନ୍ଦ କରିବେ ବୋଲି ଆଶା କରାଯାଉଛି।

୨୦୦୯ ମସିହାରେ ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହେବା ପରେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀକୁ ଉଚ୍ଛେଦ କରି ଦିଆଯାଇଥିଲା। ରାଜନଗର ବ୍ଲକର ୨୯ଟି ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୯ଟି ପଞ୍ଚାୟତ ସହିତ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୨୧ଟି ୱାର୍ଡକୁ ନେଇ ରାଜନଗର ନିର୍ବାଚନମଣ୍ଡଳୀ ଗଠିତ। ଏହି ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା ୨ଲକ୍ଷ ୩୯ ହଜାର ୮୫୨। ସେମାନଙ୍କ ମଧ୍ୟରେ ମହିଳା ଭୋଟର ୧ଲକ୍ଷ ୧୩ହଜାର ୪୩୮ ଥିବା ବେଳେ ୧ଲକ୍ଷ ୨୬ହଜାର ୪୧୪ ଜଣ ପୁରୁଷ ଭୋଟର ଅଛନ୍ତି। ରାଜନଗର ଭଳି ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ବହୁବିଧ ସମସ୍ୟା ରହିଛି। ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ, ଶିକ୍ଷା ବ୍ୟବସ୍ଥା, ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ଅଧିବାସୀମାନଙ୍କୁ ଅତିଷ୍ଠ କରିଦେଇଛି। ଅଞ୍ଚଳବାସୀଙ୍କ ହକ୍ ପାଇଁ ବାରମ୍ବାର ଆନ୍ଦୋଳନ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସିଏ ହିଁ ସବୁଠାରୁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### ମଦ ଜବତ, ବେପାରୀ କୋର୍ଟ ଚାଲାଣ

**କୋରେଇ,୨୭।୩(ସ୍ୱ.ପ୍ର):** କୋରେଇ ଥାନା ଅନ୍ତର୍ଗତ ତୁଳତୀ ଗ୍ରାମରେ ବେଆଇନ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତୁଳତୀ ଗ୍ରାମରେ ଚୋରା ମଦ ବେପାର ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ନରୋତ୍ତମ ଜେନା(୪୦) ଦେଶୀ ମଦ ସହ ଧରାପଡ଼ିଥିଲେ। ତାଙ୍କ ନିକଟରୁ ୩ ଲିଟର ମଦ ଜବତ କରାଯାଇଥିଲା ଏ ନେଇ ଏକ ମାମଲା (୫୫/୧୯) କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ଜରୀରେ ଭାଜପାର ବିଜୟ ସଂକଳ୍ପ ଯାତ୍ରା

**ସିଂହପୁର,୨୭।୩(ଡିଏନଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତରେ ବୁଧବାର ଭାଜପା ବିଧାୟିକା ପ୍ରାର୍ଥୀ ବବିତା ମଲିକ ବିଜୟ ସଂକଳ୍ପ ଯାତ୍ରାରେ ଯୋଗଦେଇ ମୋଦିଙ୍କ ସଫଳତା ଓ ନବୀନ ସରକାରଙ୍କ ବିଫଳତା ସମ୍ପର୍କରେ ଘରଘର ବୁଲି ଲୋକଙ୍କୁ ବୁଝାଇଥିଲେ। ଚଳିତ ନିର୍ବାଚନରେ ଭାଜପାକୁ କ୍ଷମତାକୁ ଆଣିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ପଦଯାତ୍ରାରେ ମଲିକଙ୍କ ସହ ଦିଲୀପ ଜେନା, ତାପସ ନାଥ, ବୈଷ୍ଣବ ମଲିକ, ଚିରଞ୍ଜୀବ ସାମଲ, ମଦନ ମୋହନ ଜେନା, ଏକାଦଶୀ ମହାଳିକ, ଗୋବିନ୍ଦ ମହାଳିକ, ସତ୍ୟରଂଜନ ବେହେରା, ଘନଶ୍ୟାମ ନାୟକ, ଶ୍ରୀଧର ଜେନା, ସୁରେନ୍ଦ୍ର ଦାସ, ବାବାଜି ନାୟକ ସାମିଲ ହୋଇଥିଲେ।

### ହୃଦ୍‌ଘାତରେ ବରିଷ୍ଠ କିରାଣି, ଗ୍ରାମରକ୍ଷୀଙ୍କ ପରଲୋକ

**ରସୁଲପୁର,୨୭।୩(ଡିଏନଏ):** ରସୁଲପୁର ବ୍ଲକ ଉନ୍ନୟନ ବିଭାଗର ବରିଷ୍ଠ କିରାଣି ରଞ୍ଜନ ବରାଳ (୫୩)ଙ୍କର ସକାଳେ ତାଙ୍କ ସରକାରୀ କ୍ୱାର୍ଟରରେ ହୃଦଘାତରେ ପରଲୋକ ଘଟିଥିବାବେଳେ ଶ୍ରୀବନ୍ତପୁର ପଞ୍ଚାୟତ ବାଉଁଶଅଣ୍ଡା ଗ୍ରାମର ଗ୍ରାମରକ୍ଷୀ କୈଳାସ ମଲିକ(୫୪)ଙ୍କର ମଙ୍ଗଳବାର ରାତିରେ ହୃଦଘାତରେ ମୃତ୍ୟୁ ହୋଇଯାଇଛି। ଏ ନେଇ ରସୁଲପୁର ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ବରାଳ ସକାଳେ ଗାଧୁଆ ଘରକୁ ଯାଇଥିଲେ। ସେଠାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଗାଧୁଆ ଘରେ ପଡ଼ିଯାଇଥିଲେ। ତାଙ୍କୁ ବ୍ଲକ କର୍ମଚାରୀମାନେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିରାଣୀ ବରାଳଙ୍କ ମୃତ୍ୟୁ ଖବର ପାଇଁ ସମଗ୍ର ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ କିରାଣୀଙ୍କ ଘର କଟକ ଜିଲା ଆଠଗଡ ଅଞ୍ଚଳର ଷଠିଲୋ ପଞ୍ଚାୟତ କୁଆଁଳ ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଗ୍ରାମରକ୍ଷୀ ଘରେ ବସିଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

### ନଳକୂପ ଅଚଳ, ପାଣି ପାଇଁ ଲୋକେ ହନ୍ତସନ୍ତ

**ଛତିଆ, ୨୭।୩(ଡି.ଏନ୍.ଏ.):** ଛତିଆ ପଞ୍ଚାୟତର ଇଚ୍ଛାନଗର ପାଟଣା ଓ ଅମରାବତୀ ପାଟଣା ଗ୍ରାମବାସୀ ଦୀର୍ଘଦିନ ହେବ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ଏକ ନଳକୂପ ଅଚଳ ହୋଇ ପଡି ରହିଛି। ଫଳରେ ୪୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିପରି ପଞ୍ଚାୟତରେ ରହିଥିବା ଅନ୍ୟ କେତେକ ନଳକୂପ ମଧ୍ୟ ଅଚଳ ଅବସ୍ଥାରେ ପଡିରହିଛି। ଏ ସମ୍ପର୍କରେ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ ଉକ୍ତ ନଳକୂପଗୁଡିକୁ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

**ଛତିଆ, ୨୭।୩(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ପଞ୍ଚାୟତର ଏକଡାଲିଆ ଗ୍ରାମରେ ବୁଧବାର ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ୩ ଦିନ ବ୍ୟାପୀ ଉକ୍ତ ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ଶୁଭାଧିବାସ କଳସ ସ୍ଥାପନ କରାଯାଇ ପ୍ରଭୁଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମଙ୍ଗଳବାର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ନାମଯଜ୍ଞ କାର୍ଯ୍ୟରେ ୨୦ ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନରେ ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ସଂକୀର୍ତ୍ତନ ମଣ୍ଡଳୀର କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଟିକେଟ ପାଇଁ ଟଣାଓଟରା, ଶଙ୍କାରେ ଭୋଟର

**ରସୁଲପୁର,୨୭।୩(ଡି.ଏନ.ଏ.)**

ଆଞ୍ଚଳିକ ଦଳ ବିଜେଡି ପକ୍ଷରୁ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ୯ଟି ଲୋକ ସଭା ଓ ୩୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବୁଧବାର ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ଦଳୀୟ ଟିକେଟ ବଣ୍ଟନକୁ ନେଇ ରହିଥିବା ଅପେକ୍ଷାର ଅନ୍ତ ଘଟିନାହିଁ। ଏବେ ବି ଅନେକ ବିଧାୟକ ଓ ଏମ୍‌ପିଙ୍କ ଭାଗ୍ୟ ଝୁଲି ରହିଛି। ଏହିକ୍ରମରେ ଯାଜପୁର ଜିଲାରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଦଳ ପକ୍ଷରୁ ୩ଟି ନିର୍ବାଚନମଣ୍ଡଳୀରେ ଟିକେଟ ଘୋଷଣା କରାଯାଇଛି। ଆହୁରି ବାକି ଥିବା ୪ଟି ବିଧାନସଭା ଆସନ ପାଇଁ ଦଳ ଟିକେଟ ଘୋଷଣା ନିଷ୍ପତ୍ତିକୁ ଝୁଲାଇ ରଖିଛି। ତେବେ ଏଥି ମଧ୍ୟରୁ କୋରେଇ ନିର୍ବାଚନ ମଣ୍ଡଳୀ ଟିକେଟକୁ ନେଇ ରହିଥିବା ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ଏହି ନିର୍ବାଚନ ମଣ୍ଡଳୀରେ ଦଳୀୟ ଟିକେଟ ପାଇଁ ୨ ବିଧାୟକଙ୍କ ମଧ୍ୟରେ ଟଣାଓଟରା ଏବେ ବି ଜାରି ରହିଛି। ଯାଜପୁର ଜିଲାରେ ବିଜେଡି ଟିକେଟ ଘୋଷଣା ପରେ ଟିକେଟ ହାତେଇଥିବା ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ସମର୍ଥକମାନେ ବାଣ ଫୁଟାଇ ଖୁସି ମନାଇଛନ୍ତି। ତେଣେ ଟିକେଟ ଘୋଷଣା ହୋଇ ନ ଥିବା ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ହତାଶା ଓ ନୈରାଶ୍ୟ ଭାବ ଦେଖାଦେଇଛି। ବିଶେଷ କରି କୋରେଇ ନିର୍ବାଚନ ମଣ୍ଡଳୀରେ ଟିକେଟକୁ ନେଇ ବିଧାୟକ ଆକାଶ ଦାସନାୟକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ଏହି ନିର୍ବାଚନ ମଣ୍ଡଳୀରେ ଦୁଇ ନେତା ପୃଥକ ପୃଥକ ବୁଥ୍ କମିଟି ଗଠନ କରିବାରେ ଲାଗିପଡିଛନ୍ତି। ବିଧାୟକ ଦାସନାୟକଙ୍କ ସମର୍ଥକ କୋରେଇ ମାଟିର ପୁଅକୁ ପ୍ରାର୍ଥୀ କରାଅ ବିଦେଶୀ ହଟାଓ ନାରା ଦେଉଛନ୍ତି। ଅନ୍ୟପକ୍ଷରେ କୋରେଇ ବିଧାନସଭା ଟିକେଟ ହାତେଇ ପିତା ସ୍ୱର୍ଗତ ଅଶୋକ ଦାସଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ପୁତ୍ର ବବି

**କୋରେଇ ନିର୍ବାଚନମଣ୍ଡଳୀ**
- ■ବବି ଓ ଆକାଶ ଦାସନାୟକଙ୍କ ମଧ୍ୟରେ ଟିକେଟ ପାଇଁ ଲଢ଼େଇ
- ■ଆଶା ଆଶଙ୍କାରେ ରହିଛନ୍ତି ଉଭୟଙ୍କ ସମର୍ଥକ

ଆଶା ପ୍ରକଟ କରିଛନ୍ତି ବୋଲି ତାଙ୍କ ସମର୍ଥକଙ୍କ ମହଲରେ ଚର୍ଚ୍ଚା ହେଉଛି। ଇତି ମଧ୍ୟରେ ଦାସ ତାଙ୍କ ସମର୍ଥକ ଜରିଆରେ ବିଧାୟକଙ୍କ ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କୁ ଗୋଟାଇବା ପ୍ରକ୍ରିୟା ଜୋର୍‌ଦାର କରିଛନ୍ତି। କେତେକ ସ୍ଥାନରେ ସ୍ଥାନୀୟ ବିଧାୟକ ଦାସନାୟକଙ୍କ ବିରୋଧରେ କୋଣଠେସା ହୋଇଥିବା ଦଳୀୟ କର୍ମୀମାନେ ମେଳି ହେଲେଣି। ଚଳିତ ନିର୍ବାଚନରେ ଆକାଶଙ୍କୁ ବିରୋଧ କରିବେ ବୋଲି ଖୋଲାଖୋଲି ଘୋଷଣା କରିବା ବି ଆରମ୍ଭ କଲେଣି। ରବିବାର ରସୁଲପୁର ବ୍ଲକର ନରସିଂହପୁର ପଞ୍ଚାୟତରେ ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କୁ ନେଇ ଅନୁଷ୍ଠିତ ରାତିଅଧିଆ ବୈଠକକୁ ଉଦାହରଣ ଭାବେ ନିଆଯାଇ ପାରେ। ଏହି ବୈଠକରେ ବ୍ଲକର ୯ଟି ପଞ୍ଚାୟତର ଅସନ୍ତୁଷ୍ଟ ନେତା ଓ ଶତାଧିକ କର୍ମୀ ଯୋଗଦେଇ କୋରେଇ ବିଧାୟକ ଆକାଶଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଅନ୍ୟପକ୍ଷରେ ତାଙ୍କ ସମର୍ଥକ ତାଙ୍କୁ ଟିକେଟ ଦେବାକୁ ଦାବି କରି ବିଭିନ୍ନ ସ୍ଥାନରେ ମେଳି କରୁଛନ୍ତି। ଟିକେଟ ନ ମିଳିଲେ ସମର୍ଥକମାନେ ଦଳ ଛାଡ଼ିବେ ବୋଲି ଧମକ ଦେଉଛନ୍ତି। ତାଙ୍କୁ ନିଶ୍ଚିତ ଟିକେଟ ମିଳିବ ବୋଲି ଖୋଦ୍ ବିଧାୟକ ଦାସନାୟକ ରସୁଲପୁର ବ୍ଲକର ମଧୁବନଠାରେ ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ଖୋଲାଖୋଲି ଘୋଷଣା କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅନୁଷ୍ଠିତ ଆଉ ଏକ ବୈଠକରେ ଟିକେଟ ଦାବିକୁ ନେଇ ବିଧାୟକ କୋହଳ ମନୋଭାବ ପୋଷଣ କରିଥିବା କୁହାଯାଉଛି। ଯାଜପୁର ରୋଡଠାରେ ଅନୁଷ୍ଠିତ ବୈଠକରେ ଟିକେଟ ପାଇଁ ବ୍ୟସ୍ତ ନ ହୋଇ ଦଳର ସଂଗଠନକୁ ମଜଭୁତ୍ କରିବାକୁ ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇ ଦାସନାୟକ କହିଛନ୍ତି। ଟିକେଟକୁ ନେଇ ଦୁଇ ବିଧାୟକଙ୍କ ମଧ୍ୟରେ ଟଣାଓଟରା ଭିତରେ ଦଳରୁ ଟିକେଟ ଆଶାରେ ଥିବା ଅନ୍ୟ ନେତାଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି। ଅନ୍ୟ ଆଶାୟୀଙ୍କୁ ବୁଝାଇ ସୁଝାଇ ଦଳ ହାଇକମାଣ୍ଡଙ୍କ ସମ୍ମୁଖରେ ନିଜ ସପକ୍ଷରେ ମତ ରଖିବାକୁ ପ୍ରୟାସ ଜାରି ରହିଛି। ଏ ସବୁ ସତ୍ତ୍ୱେ ରାଜନୈତିକ ସମୀକ୍ଷକମାନେ ଚଳିତ ନିର୍ବାଚନରେ କୋରେଇ ନିର୍ବାଚନ ମଣ୍ଡଳୀରେ ଇତିହାସ ଦୋହରାଇବ ବୋଲି ରଖିଥିବା ମତ ସତ ହେବାକୁ ଯାଉଥିବା ଶୁଣିବାକୁ ମିଳୁଛି। ତେବେ ଦଳ ଏଠି କାହାକୁ ଭରସା କରୁଛି ତା ଉପରେ ସମସ୍ତଙ୍କ ନଜର ରହିଛି। ଦଳ ପକ୍ଷରୁ ୩ୟ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ପରେ ଏହି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଓ କଳ୍ପନାଜଳ୍ପନା ବଢ଼ି ଯାଇଛି।

### ଦୋଳ ଉତ୍ସବ, ବନ୍ଧୁମିଳନ

**ସିଂହପୁର,୨୭।୩(ଡିଏନଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା ଗୋପବନ୍ଧୁ ପୂଜା କମିଟି ଆନୁକୂଲ୍ୟରେ ଦୋଳଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅଶୋକ ଦାସଙ୍କ ସଭାପତିତ୍ୱରେ ରବୀନ୍ଦ୍ର ନାଥ ବେହେରା ସୁଧାକର ମହାକୁଳ, ରତ୍ନାକର ମହାକୁଳ, ପୂର୍ଣ୍ଣଚନ୍ଦ୍ର ବେହେରା, ନାରାୟଣ ନାୟକ, ବସନ୍ତ ଦାସ, ନିରଞ୍ଜନ ଦାସ, ଧନେଶ୍ୱର ଦାସ, ଉତ୍ତମ ଦାସ ପ୍ରମୁଖ ଯୋଗଦେଇ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉପେନ୍ଦ୍ର ଗୁରୁ, ରଘୁନାଥ ଗୁରୁ, ବିର କିଶୋର ଗୁରୁ, ରାଜୀବ ଗୁରୁ, ସୁମନ୍ତ ଗୁରୁ, ବାସୁଦେବ ଗୁରୁ, ପରିଚାଳନା କରିଥିଲେ। ସେହିପରି ଗୁହାଳି ଗ୍ରାମରେ ଗୋପବନ୍ଧୁଙ୍କ ପୂଜା କମିଟି ଆନୁକୂଲ୍ୟରେ ଭଜନ ସମାରୋହ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ରତନ ବାରିକ, ଦିବ୍ୟ ସିଂ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଣି ପାଇଁ ଗରା, ଡେକଚି ଧରି ବସିଲେ ରାସ୍ତାରେ

**କାଳିଆପାଣି/ସୁକିନ୍ଦା, ୨୭।୩(ଡି.ଏନ୍.ଏ.)**



ମହିଳାମାନେ ରାସ୍ତାରେ ଧାରଣା ଦେଉଛନ୍ତି।

ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଳ ଗ୍ରାମପଞ୍ଚାୟତର ବଡ଼ ପିଙ୍ଗଳ ଗ୍ରାମରେ ବୁଧବାର ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ଗ୍ରାମର ମହିଳାମାନେ ଧାରଣାରେ ସାମିଲ ହୋଇଛନ୍ତି। ରାସ୍ତା ଉପରେ ଡ଼େକଚି, କଡ଼େଇ ରଖି ମହିଳାମାନେ ଅଭିନବ ଉପାୟର ପ୍ରତିବାଦ ଜଣାଇଥିଲେ। ସୁକିନ୍ଦା ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀ ଘଟଣାସ୍ଥଳେ ପହଞ୍ଚି ରାସ୍ତାରେ ବସିଥିବା ମହିଳାଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ବିଡ଼ିଓଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାରୁ ପିଙ୍ଗଳ ଗ୍ରାମରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବଡ଼ପିଙ୍ଗଳ ହିଙ୍ଗୁଳାସାହୀ ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗୋଟିଏ ମାତ୍ର ନଳକୂପରେ ଗ୍ରାମବାସୀ ଭରସା କରିଥିବାବେଳେ ଏବେ ତାହା ଅଚଳ ହୋଇପଡିଛି। ଅପରପେକ୍ଷ ସ୍ୱଜଳ ଧାରାରେ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭରୁ ବନ୍ଦ ହୋଇପଡ଼ିଛି । ତେଣୁ ପାନୀୟ ଜଳ ପାଇଁ ଲୋକେ ୧ କିମି ଦୂରରେ ଥିବା ବ୍ରାହ୍ମଣୀ ନଦୀ ଉପରେ ନିର୍ଭର କରନ୍ତି। ଏ ଦିଗରେ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଗ୍ରାମବାସୀଙ୍କ ସହିତ ମହିଳାମାନେ ଅଭିଯୋଗ କରିଛନ୍ତି। ହେଲେ ପାଣି ସମସ୍ୟା ବ୍ଲକରେ ଥିବା ବିଡ଼ିଓ ସମାଧାନ କରିପାରିବେ ବୋଲି ବିଧାୟକ କହିଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏହିପରି ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସଙ୍କୁ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ମତାମତ ମିଳିପାର ନାହିଁ ।

### ଗୌରୀଶଙ୍କର ରାୟଙ୍କ ସ୍ମୃତିସଭା

**ଧର୍ମଶାଳା,୨୭।୩(ଡି.ଏନ୍.ଏ.)**

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ କର୍ମବୀର ଗୌରୀ ଶଙ୍କର ରାୟଙ୍କ ସ୍ମୃତିସଭା ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜ ଜିଲା ଆବାହକ ଡ. ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଭ୍ୟୁଦୟକୁ କର୍ମବୀର ଗୌରୀଶଙ୍କରଙ୍କ କ୍ରାନ୍ତିକାରୀ କାର୍ଯ୍ୟଶୈଳୀ ଏବେ ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ରୁଦ୍ର ନାରାୟଣ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ମଧୁପୁର କଲେଜ ସମାଜ ବିଜ୍ଞାନ ବିଭାଗ ଅଧ୍ୟାପକ ତୁହିନାଂଶୁ ରଥ ଯୋଗଦେଇ ଗୌରୀଶଙ୍କର ବଙ୍ଗୀୟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଓଡ଼ିଶା ମାଟି ପ୍ରତି ତାଙ୍କର ଗଭୀର ଅନୁରାଗ ରହିଥିଲା। ସମ୍ମାନିତ ବକ୍ତାଭାବେ ଲକ୍ଷ୍ମୀନାରାୟଣ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ଜେନାସାମନ୍ତ। ସମ୍ପାଦକ ବିଜୟ କୁମାର ନାୟକ ବିବରଣୀ ପାଠ କରିଥିଲେ। ଡ. ଇନ୍ଦୁପ୍ରଭା ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କବି ସଂଗ୍ରାମ କେଶରୀ ଜେନା, ବଟକୃଷ୍ଣ ପରିଡ଼ା, ସୁନାକର ସାହୁ, ପଣ୍ଡିତ ବ୍ରଜ କିଶୋର ଦାଶ, ହୃଷୀକେଶ ସାମଲ, ବିଧୁ ଭୂଷଣ ପଣ୍ଡା, ପ୍ରତାପରୁଦ୍ର ପଣ୍ଡା, ଅଜୟ କୁମାର ବଳ, ନୀଳମାଧବ ସାମଲ, ନିର୍ମଳ ସାମଲ, ବିନୋଦ ବିହାରୀ ସାହୁ, ମିନତୀ ସାହୁ, ମାଧୁରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

■ ନାବାଳିକା ଅପହରଣକୁ ବିତିଲା ୩ ସପ୍ତାହ

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଫେରାଦ

**ରସୁଲପୁର,୨୭।୩(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ଜଣେ ନାବାଳିକା (୧୭) ଗତ ୬ତାରିଖ ରାତିରୁ କେଉଁଆଡେ ପଳାଇ ଯାଇଛନ୍ତି। ଏ ସମ୍ପର୍କରେ ନାବାଳିକାଙ୍କ ମା' ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ସେହି ଗାଁର ଅବିନାଶ ଦାସ ଓ ତାଙ୍କ ସାଙ୍ଗ ନାବାଳିକାଙ୍କୁ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଧର୍ମଶାଳା ଥାନାରେ ଏକ ମାମଲା (ନଂ-୮୯/୧୯) ରୁଜୁ ହୋଇଛି। ଇତି ମଧ୍ୟରେ ଘଟଣାକୁ ୩ସପ୍ତାହ ବିତିଗଲାଣି। ହେଲେ ଏବେ ବି ପୋଲିସ ହାତ ଖାଲି ରହିଛି। ବ୍ରହ୍ମବରଦା ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇ ଭଣ୍ଡାଇ ଆସୁଛ। ଫଳରେ ନାବାଳିକାଙ୍କ ପରିବାର ଶନିବାର ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିବା ସହିତ ଏ ଦିଗରେ ନ୍ୟାୟ ନ ମିଳିଲେ ପରିବାର ଲୋକେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି। ଅପହରଣକାରୀଙ୍କୁ ପୋଲିସ ଅହେତୁକ ଅନୁକମ୍ପା ଦେଖାଉଛି ବୋଲି ଅଭିଯୋଗକାରୀ କହିଛନ୍ତି।

# ଖରିଆରେ ଦୋଳ ମେଳଣ



ମେଳନ ପଡ଼ିଆକୁ ବିମାନକୁ ନିଆଯାଉଛି।

**ବିଞ୍ଝାରପୁର,୨୭।୩(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଖରିଆ ମହାଦେବ ପୀଠରେ ବୁଧବାର ପବିତ୍ର ଦୋଳମେଳଣ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଖରିଆ ମହାଦେବ ପୀଠରେ ଦୋଳ ମେଳଣରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ରାଧାକୃଷ୍ଣଙ୍କ ଯୁଗଳଙ୍କ ମୂର୍ତ୍ତି ସହିତ ଖରିଆ ମହାଦେବଙ୍କ ଦର୍ଶନ କଲେ ବହୁ ପୁର୍ଣ୍ଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ମହାଦେବ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଦେବତା ହୋଇଥିବାରୁ ମେଳଣକୁ ଅଞ୍ଚଳବାସୀ ମିଳିତ ଭାବେ ବେଶ ଜାକଜମକରେ ଆୟୋଜିତ କରିଥାନ୍ତି । ମେଳଣକୁ ଆସୁଥିବା ରାଧାକୃଷ୍ଣଙ୍କ ସୁସଜ୍ଜିତ ଦୋଳ ବିମାନ ସାଙ୍ଗକୁ ପାରମ୍ପରାକ ବାଡ଼ି ଖେଳ, ଘୋଡାନାଚ ଭଳି ଅନେକ ପରମ୍ପରା ସମ୍ୱଳିତ ଲୋକକଳା ସ୍ଥାନୀୟ ଅଞ୍ଚଳବାସୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ମେଳଣ ଉତ୍ସବକୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସହାୟତାରେ ପରିଚାଳନା କମିଟିର ସଭାପତି ଦାମୋଦର ମଲ୍ଲିକଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ ।

# ୩୦ ଉତ୍ତେଜନାପ୍ରବଣ, ୬ ଅତିଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ

**ବରୀ,୨୭।୩(ସ୍ୱ.ପ୍ର)**

ବରୀ ବ୍ଲକ ପ୍ରଶାସନ ପକ୍ଷରୁ ୨୦୧୯ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ପର୍ବ ଚାଲିଛି। ଏନେଇ ପ୍ରତ୍ୟେକ ବୁଥଗୁଡ଼ିକୁ ତଦାରଖ କାରାଯାଇ ୩୦ଟି ଉତ୍ତେଜନା ପ୍ରବଣ ଓ ୬ଟି ଅତି ଉତ୍ତେଜନା ପ୍ରବଣ ବୁଥ୍ ଭାବେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଆହୁରି ଅନେକ ବୁଥରେ ଉତ୍ତେଜନା ଲାଗି ରହିବ ବୋଲି ବେସରକାରୀ ଭାବେ ଆକଳନ କରାଯାଇଛି। ଏଭଳି ବୁଥ ପ୍ରଶାସନ ନଜରକୁ ଆସିଲେ ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛି। ବରୀ ନିର୍ବାଚନ ମଣ୍ଡଳୀର ଭୌଗଳିକ ସ୍ଥିତି ଅନୁଯାୟୀ, ବରୀ ବ୍ଲକର ୨୯ ପଞ୍ଚାୟତ, ଯାଜପୁରର ୮,

**ବରୀ ବ୍ଲକ**

ରସୁଲପୁରର ୧୦ ପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ବରୀ ବ୍ଲକର ୨୯ ପଞ୍ଚାୟତରେ ୧୩୬ ବୁଥରେ ଭୋଟର ମତ ସାବ୍ୟସ୍ତ କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ୫ଟି ବୁଥରେ ସିସି କ୍ୟାମେରା ଲାଗିବ ବୋଲି କୁହାଯାଇଛି। ଆବଶ୍ୟକ ପଡିଲେ ଅନ୍ୟ କେତେକ ବୁଥରେ ମଧ୍ୟ ସିସି କ୍ୟାମେରା ଲାଗିପାରେ ବୋଲି ପ୍ରଶାସନ କହିଛି। ଭୁରୁଙ୍ଗା ମଧ ଇଂରାଜୀ ବିଦ୍ୟାଳୟ, ଅଟିରାବାଲିଆ, ହରିପୁର, ଉଦୟନାଥପୁର, ଅରୁଆଳ, ନୂଆ ଭଅଁରା, ରତ୍ନଗିରି, ରାଉତ ସାହିପଟଣା, ପ୍ରାଥମିକ ବିଦ୍ୟାଳୟଗୁଡିକ ଅତିଉତ୍ତେଜନା ପ୍ରବଣ ବୁଥ ରହିଥିଲାବେଳେ କଳାଖଣ୍ଡ, ଅଲ୍ଲିପୁର, ମେଣ୍ଟ, ରାଉତ ସାହି, ଚନ୍ଦ୍ରଶେଖରପୁର, ବରୀ, କଳାଖଣ୍ଡ, କଳାମାଟିଆ, ଅନ୍ୟାସୀପୁର, ଗମ୍ଭୁ, ଗୋଳକୁଣ୍ଡ, ରତ୍ନଗିରି ପଞ୍ଚାୟତରେ ଥିବା ୩୦ଟି ବୁଥ ଉତ୍ତେଜନା ପ୍ରବଣ ବୋଲି ଜଣାପଡିଛି। ଏଥିସହିତ ରତଳାଙ୍ଗ ଉଚ୍ଚ ବିଦ୍ୟାଳୟ, ବୋଦୁଅ, ଭଅଁରା, ଅଟିରା, ଅରୁଆଳ ବୁଥଗୁଡିକରେ ସିସି କ୍ୟାମେରା ଲାଗିବ ବୋଲି କୁହାଯାଇଛି। ଏସବୁ ବୁଥଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ଇଣ୍ଟରନେଟ ମାଧ୍ୟମରେ ଭିଡିଓଗ୍ରାଫି କରାଯିବ ବୋଲି ପ୍ରଶାସନ ନକ୍ସା ପ୍ରସ୍ତୁତ କରୁଛି। ଉତ୍ତେଜନା ପ୍ରବଣ ବୁଥଗୁଡିକରେ ପୋଲିସ ମୁତୟନ ସହିତ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

# କୋପଣ୍ଡରେ ୪୧ତମ ମେଳଣ ଉତ୍ସବ

**ଯାଜପୁରରୋଡ଼,୨୭।୩(ନି.ପ୍ର):**

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ କୋପଣ୍ଡ ଦୁର୍ଗା ମେଳଣ କମିଟି ପକ୍ଷରୁ ୪୧ତମ ମେଳଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଉତ୍ସବରେ ୮ରୁ ଊର୍ଦ୍ଧ୍ୱ ବିମାନ ଯୋଗ ଦେଇଥିଲେ। ମଙ୍ଗଳବାର ରାତିରୁ ବୁଧବାର ସକାଳ ୯ଟା ପର୍ଯ୍ୟନ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯାଜପୁର ରୋଡ ସହରର ଶହ ଶହ ଶ୍ରଦ୍ଧାଳୁ ମେଳଣରେ ଯୋଗଦେଇ ରାଧାକୃଷ୍ଣଙ୍କୁ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ମେଳଣ କମିଟି ପକ୍ଷରୁ ଅନୁଷ୍ଠିତ ସଭାରେ ପୂର୍ବତନ ବ୍ୟାସନଗର ପୌରପରିଷଦ ଅଧ୍ୟକ୍ଷା ସବିତା ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ତପନ ସାହୁ, ନିରଞ୍ଜନ ଘଡ଼େଇ, ଅଶୋକ ରାଉତ, ପ୍ରାର୍ଥସାରଥୀ ନାୟକ, ପ୍ରମୋଦ ରାଉତ, ବିଜୟ ସାହୁ, ସୁଜିତ ମଲ୍ଲିକ, ଜ୍ଞାନ ରଞ୍ଜନ ଓଝା ଓ ପିଙ୍କୁନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବରୀ ଭାଜପା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ପ୍ରସ୍ତୁତି

**ବରୀ,୨୭।୩(ସ୍ୱ.ପ୍ର)**

ବରୀ ନିର୍ବାଚନ ମଣ୍ଡଳୀର ଭାଜପା ବିଧାନସଭା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଆସନ୍ତା ୩ ତାରିଖ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ବରୀ ଭାଜପା ପକ୍ଷରୁ କୁହାଯାଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ଅଲିପୁର ପଞ୍ଚାୟତସ୍ଥିତ ମଲ୍ଲିକଙ୍କ ବାସଭବନ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପା ନେତା ଅଭିରାମ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହିଦିନ ପ୍ରାର୍ଥୀଙ୍କ ସମସ୍ତ କାଗଜପତ୍ର ସହିତ ହଜାର ହଜାର କର୍ମୀଙ୍କ ଗହଣରେ ନାମଙ୍କନ ପତ୍ର ଦାଖଲ ଯାଜପୁର ଜିଲା ପ୍ରଶାସନ ନିକଟରେ କରାଯିବ। ଆସନ୍ତା ୩ ତାରିଖ ପାଇଁ ସମସ୍ତ କର୍ମୀ ଏକଜୁଟ ହେବାକୁ ସ୍ଥିର ହୋଇଛି। ଏହି ବୈଠକରେ ଜିଲା ପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ, ସନାତନ ନାୟକ, ଅଶୋକ ମହାନ୍ତି, ଜ୍ଞାନ ରଞ୍ଜନ ସାହୁ, ହେମନ୍ତ ମହାପାତ୍ର ପ୍ରମୁଖ ଶତାଧିକ କର୍ମୀ ଆଲୋଚନାରେ ଅଂଶଗ୍ରହଣ କରିଥଲେ। ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଉପସ୍ଥିତ ରହି କର୍ମୀଙ୍କୁ ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ନିବେଦନ କରିଥିଲେ।

# ନିର୍ବାଚନକୁ ଆଳ, ପୁଣି ଠକିଲା ଇମାମି

**କଳିଙ୍ଗନଗର,୨୭।୩(ଡି.ଏନ୍.ଏ.)**



ଧାରଣାକାରୀଙ୍କ ସହ କାରଖାନା କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି।

କଳିଙ୍ଗନଗରସ୍ଥିତ ଇମାମି ସିମେଣ୍ଟ କାରଖାନା ଦ୍ୱାରା ଜମି ହରାଇଥିବା ଅଧିବାସୀ ପୁଣି ଠକାମିର ଶିକାର ହୋଇଛନ୍ତି। କିଛିଦିନ ତଳେ ଜମିହରାଙ୍କ ପକ୍ଷରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ କାରଖାନା କର୍ତ୍ତୃପକ୍ଷ ଓ ଜମିହରାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ନିର୍ବାଚନୀ ଆଚରଣ ବିଧି ଲାଗୁ ହୋଇଥିବାରୁ କାରଖାନାରେ କାହାକୁ ନିଯୁକ୍ତି ଦିଆଯାଇ ପାରିବ ନାହିଁ ବୋଲି କାରଖାନା କର୍ତ୍ତୃପକ୍ଷ ରୋକ୍‌ଠୋକ୍ ବୈଠକରେ କହିଛନ୍ତି। ତେବେ ଏକ ଘରୋଇ କାରଖାନାରେ କିପରି ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ପାରିବ ସେ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇମାମି କାରଖାନା କର୍ତ୍ତୃପକ୍ଷ ଜମିହରାଇଥିବା ଚାଷୀଙ୍କ ପରିବାର ମଧ୍ୟରୁ ଜଣଙ୍କୁ କାରଖାନାରେ ସ୍ଥାୟୀ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଏହାକୁ ବିରୋଧ କରି ୧୮ତାରିଖ କାରଖାନା ପାଇଁ ଜମି ହରାଇଥିବା ୪୨ ଚାଷୀ ପରିବାର କାରଖାନାର ମୁଖ୍ୟ ଫାଟକୁ ୪ଘଣ୍ଟା ବନ୍ଦ କରି ଧାରଣା ଦେଇଥିଲେ। କାରଖାନାରେ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ନ ଥିବାରୁ ୨୫ ତାରିଖରେ ଆଲୋଚନା ପାଇଁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨୫ ତାରିଖରେ ଆଲୋଚନା ହୋଇ ନ ପାରିବାରୁ ଜମିହରା ପରିବାର ୨୬ ତାରିଖ ସକାଳ ୬ଟା ରୁ ଦିନ ୧୧ଟା ପର୍ଯ୍ୟନ୍ତ କାରଖାନାର ପୁଣି ମୁଖ୍ୟ ଫାଟକକୁ ବନ୍ଦ କରିଥିଲେ। ଖବର ପାଇ ଜଖପୁରା ପୋଲିସ ଘଟଣା ପହଞ୍ଚି ଆଲୋଚନା ପାଇଁ ଚାଷୀଙ୍କୁ ରାଜି କରାଇଥିଲେ। ପରେ ସନ୍ଧ୍ୟାରେ ମାନ୍ତିରା ଗାଁ କମିଟି ଓ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ଯେଉଁଥିରେ କାରଖାନା କର୍ତ୍ତୃପକ୍ଷ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ବାଚନ ପରେ ନିଯୁକ୍ତି ଦିଆଯିବ ବୋଲି କହିଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଇମାମି କାରଖାନାର ଜିଏମ୍ ଅନିଲ କୁମାର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପ୍ରକାଶ ଯେ, ଇମାମି କାରଖାନା ମାନ୍ତିରା ମୌଜାର ୪୨ ପରିବାରଙ୍କ ଠାରୁ ୬୬ଏକର ଜମି ନେଇ କାରଖାନା ପ୍ରତିଷ୍ଠା କରିଥିଲେ । ଏ ନେଇ ୪୨ ପରିବାର ମଧ୍ୟରୁ ପରିବାରର ଜଣଙ୍କୁ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ୪୨ ପରିବାର ମଧ୍ୟରୁ ୨୦ ପରିବାର ମଧ୍ୟରୁ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ସତ୍ୟପାଠ ଦେଇଥିଲା। ପ୍ରାୟ ୪ ମାସ ହେବ କାରଖାନା ଉତ୍ପାଦନ କ୍ଷମ ହୋଇଥିଲେ ମଧ୍ୟ ଇମାମି କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଆସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ବସ୍ତିରେ ପରିବେଷଣ ହେଲା ନାଟକ 'ସଶ'

**ଜଗତ୍‌ସିଂହପୁର ଅଫିସ,୨୭।୩**

ନାଟକ ମାଧ୍ୟମରେ ସମାଜରେ କୁସଂସ୍କାର ଦୂର ସହ ସଚେତନତା ସୃଷ୍ଟି କରାଯାଇପାରେ। ଲୋକଙ୍କ ଭିତରେ ଭାଇଚାରା, ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧି କରାଯାଏ। ସବୁ ସମୟରେ ନାଟକର ଆବଶ୍ୟକତା ଥିବା ବେଳେ ସମ୍ପ୍ରତି ଏଥିପ୍ରତି ଆଦର କମିବାରେ ଲାଗିଛି। ସରକାରୀଭାବେ ନାଟକକୁ ପ୍ରୋତ୍ସାହିତ କରିବା ପାଇଁ ସେଭଳି କୌଣସି ପଦକ୍ଷେପ ନିଆଯାଉନାହିଁ। ଯେଉଁସବୁ ନାଟ୍ୟ ଅନୁଷ୍ଠାନ ବଞ୍ଚି ରହିଛି ସେଗୁଡ଼ିକୁ ପ୍ରୋତ୍ସାହନ ପାଉନାହିଁ। ତଥାପି ସମସ୍ତ ପ୍ରତିକୂଳ ପରିବେଶ ସତ୍ତ୍ୱେ କେତେକ ଅନୁଷ୍ଠାନ ନାଟକ ବଞ୍ଚାଇ ରଖିବା ସହ ଲୋକଙ୍କ ଭିତରେ ସଚେତନତା ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି। ବିଶ୍ୱ ନାଟ୍ୟ ଦିବସରେ ଜଗତ୍‌ସିଂହପୁର ଜିଲାରେ ସରକାରୀ ଭାବେ କୌଣସି କାର୍ଯ୍ୟକ୍ରମ କରାଯାଇ ନାହିଁ। କିନ୍ତୁ ନିଲେ ଝଣ୍ଡେ ୱାଲେ ରୋଭର କ୍ରିଉ ଓ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ମିଳିତ ଉଦ୍ୟମରେ ଶିକ୍ଷା ଏବଂ ସଂସ୍କାର ଉପରେ ଆଧାରିତ ନାଟକ 'ସଶ' ସ୍ଥାନୀୟ ହାଟବଜାର ସ୍ଥିତ ଆଦିବାସୀ ସାହିରେ ବୁଧବାର ପରିବେଷିତ ହୋଇଛି। ଏହା ବସ୍ତିରେ ନିଆରା ପରିବେଶ ସୃଷ୍ଟି କରିଥିଲା।


ବସ୍ତିରେ କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

ସାଧାରଣତଃ ବସ୍ତିଗୁଡ଼ିକରେ ମୌଳିକ ଶିକ୍ଷା ପହଞ୍ଚିପାରେ ନାହିଁ। ଶିକ୍ଷା ଓ ସଂସ୍କାର ଅଭାବରୁ କୋମଳମତୀ ପିଲାମାନେ ଦିଗହରା ହୋଇଯାଆନ୍ତି। ଦେଶର ମାନବ ସମ୍ବଳ ବିନିଯୋଗ ପରିବର୍ତ୍ତେ ପଥଭ୍ରଷ୍ଟ ହୋଇଯାଏ। ନିଶା ଓ ଅପରାଧ ବଢ଼ିଚାଲେ। ସାମାଜିକ ମୂଲ୍ୟବୋଧର ଅଧୋପତନ ଘଟେ। ଏ ପରିସ୍ଥିତିରେ ବସ୍ତି ପିଲାଙ୍କୁ ସଚେତନ କରିବା ଜରୁରୀ ଥିବା ବେଳେ ବାସ୍ତବ କ୍ଷେତ୍ରରେ ସେଭଳି କୌଣସି କାର୍ଯ୍ୟକ୍ରମ କରାଯାଏ ନାହିଁ। ସୌଭାଗ୍ୟ ନିଲେ ଝଣ୍ଡେ ୱାଲେ ରୋଭର କ୍ରିୟ ଓ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ଆଦିବାସୀ ସାହିରେ ନାଟ 'ସଶ' (ସଂସ୍କାର ଓ ଶିକ୍ଷା) ପରିବେଷିତ ହୋଇଥିଲା। ଏହାର କାହାଣୀ ହେଉଛି ବସ୍ତିରେ ବସବାସ କରୁଥିବା ସ୍ତ୍ରୀ, ପୁରୁଷମାନେ କାମ କରିବାକୁ ବାହାରକୁ ଚାଲିଯାଆନ୍ତି। ଘରେ ରହିଯାଆନ୍ତି ପିଲାମାନେ। କାମରୁ ଫେରିଲା ପରେ ଲୋକେ ପିଲାଙ୍କ ଭଲମନ୍ଦ ବୁଝିଥାନ୍ତି। କିନ୍ତୁ ସେମାନଙ୍କ ଶିକ୍ଷା ପ୍ରତି ଧ୍ୟାନ ଦିଆଯାଏ ନାହିଁ। ଯେଉଁଥିପାଇଁ ଛୋଟ ପିଲାମାନେ ଶିକ୍ଷା ଓ ସଂସ୍କାର ଅଭାବରୁ ଠିକ, ଭୁଲ କଣ ଜାଣିପାରନ୍ତି ନାହିଁ। ନିଶା ସେବନ ସହ ଅପରାଧ ଆଡକୁ ଟାଣି ହୋଇ ଯାଆନ୍ତି। ଏଥିଯୋଗୁ ସେମାନଙ୍କ ପରିବାର କଷ୍ଟ ପାଇବା ସହ ସମାଜ କ୍ଷତିଗ୍ରସ୍ତ ହୁଏ। ତେଣୁ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱେଚ୍ଛାସେବୀମାନେ ଏହି ବସ୍ତିକୁ ଯାଇ ଶିକ୍ଷା ଓ ସଂସ୍କାର ଆଡକୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ପ୍ରଥମେ ବସ୍ତିରେ ଆଶାଜନକ ସୁଧାର ଆସି ନ ଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ କିଛି ପରିବର୍ତ୍ତନ ହୁଏ। ଏକଦା ଜଣେ ମେଡିକାଲ ପାଇଯିବାରୁ ବସ୍ତିରେ ଖୁସି ଭରିଯାଏ। ଅନ୍ୟ ପିଲାମାନେ ଏହି ପିଲାଟିର ସଫଳତା ନେଇ ଖୁସି ଅନୁଭବ କରିବା ସହ ପାଠ ଆଡକୁ ଅଧିକ ଭାବେ ଆକୃଷ୍ଟ ହୁଅନ୍ତି। ସମୟ ଚକ୍ରରେ ବସ୍ତିର ସ୍ଥିତି ବଦଳିଯାଏ। ଏବେ ଅଭିଭାବକ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାରୁ ବଞ୍ଚିତ କରୁନାହାନ୍ତି। ଏହି ନାଟକରେ କଳାକାର ସନ୍ତୋଷୀ, ମଧୁସ୍ମିତା, ଆଶା, ପ୍ରଜ୍ଞା, ସୀମା, ଲିଜା, ଗୁଡ଼ି, ବାଦଲ, ସୁବ୍ରତ, ସୂର୍ଯ୍ୟକାନ୍ତ, ଶ୍ରୀମନ୍ତ, ଜୟଦେବ, ଲିକୁ ଓ ଅଜୁଙ୍କ ନିଖୁଣ ଅଭିନୟ ବସ୍ତି ବାସିନ୍ଦାଙ୍କୁ ଆକୃଷ୍ଟ କରିଥିଲା। ଏପରି କି କେତେଜଣ କୋହ ସମ୍ଭାଳି ନ ପାରି କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା। ନାଟକ ପରିଚାଳନା କରିଥିଲେ ସରିତ୍, ଭାଗ୍ୟଶ୍ରୀ ଓ ଆଶୁତୋଷ। ଏ ସମ୍ପର୍କରେ କଳାକାରମାନେ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜଗତ୍‌ସିଂହପୁରକୁ କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଦୁଃଖର କଥା ହେଲା ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଏଯାଏ ଏକ ପ୍ରେକ୍ଷାଳୟ ହୋଇପାରିଲା ନାହିଁ। ଦୀର୍ଘ ବର୍ଷ ଧରି ନାଟକ ପରିବେଷଣ ପାଇଁ ଏକ ଉତ୍ତମ ପ୍ରେକ୍ଷାଳୟ କରାଯିବା ନେଇ ଦାବି ହୋଇ ଆସୁଥିଲେ ସୁଦ୍ଧା ଆନ୍ତରିକତା ପ୍ରକାଶ କରାଯାଉନାହିଁ। ତେଣୁ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ସେମାନେ ଦାବି କରିଥିଲେ।

**ବିଶ୍ୱ ନାଟ୍ୟ ଦିବସ**
- ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ନାହିଁ ପ୍ରେକ୍ଷାଳୟ
- ସଚେତନତା ପାଇଁ ଉଦ୍ୟମ ଜାରି ରହିଛି

## ସଂକ୍ଷେପରେ

### କୁଜଙ୍ଗ ବାରଆସୋସିଏଶନ୍ ନିର୍ବାଚନ
## ରମେଶ ସଭାପତି, ସଞ୍ଜୀୟ୍ ସମ୍ପାଦକ

**କୁଜଙ୍ଗ,୨୭।୩(ସ୍ୱ.ପ୍ର.):** କୁଜଙ୍ଗ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇଜନଜୀବୀ ରମେଶ ଚନ୍ଦ୍ର ଦାସ ସଭାପତି ଓ ସଞ୍ଜୟ୍ କୁମାର ବେହେରା ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶ ମୁତାବକ କୁଜଙ୍ଗ ଓକିଲ ସଂଘ ନିର୍ବାଚନ ନିମନ୍ତେ ନିର୍ବାଚନ ଅଧିକାରୀ ସତ୍ୟାନନ୍ଦ ବିଶ୍ୱାଳ ଗତ ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପ୍ରାର୍ଥିପତ୍ର ଦାଖଲ ୧୮ ତାରିଖକୁ ଧାର୍ଯ୍ୟ କରାଯାଇଥିବା ବେଳେ ଯାଞ୍ଚ ୧୯ ତାରିଖ ଓ ପ୍ରତ୍ୟାହର ୨୦ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ନିର୍ବାଚନ ସମୟସୀମା ମଧ୍ୟରେ ସଭାପତି ପଦ ପାଇଁ ରମେଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ପଦ ପାଇଁ ସଞ୍ଜୟ୍ ବେହେରା, ଉପସଭାପତି ମାନସ ରଞ୍ଜନ ନାୟକ, ସହସମ୍ପାଦକ ପାଇଁ ମମତା ଅଧିକାରୀ, କୋଷାଧ୍ୟକ୍ଷ ପାଇଁ ଦୀପକ ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ନୃସିଂହ ପ୍ରଧାନ, କୈଳାସ ଚନ୍ଦ୍ର ମହାନ୍ତି, ଅଜୟ ପରିଡା, ଅଭିମନ୍ୟୁ ରାଉତ, ଦୀପକ ନାୟକ, ପ୍ରମୋଦ ବେହେରା, ସନ୍ଦୀପ୍ ମହାନ୍ତି ଏବଂ ମିତ୍ରଭାନୁ ମଲ୍ଲ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏମାନଙ୍କ ବିପକ୍ଷରେ ଅନ୍ୟ କେହି ପ୍ରାର୍ଥୀ ପତ୍ର ଦାଖଲ କରି ନ ଥିଲେ। ଫଳରେ ନିର୍ବାଚନ ଅଧିକାରୀ ପ୍ରାର୍ଥିପତ୍ର ଯାଞ୍ଚ କରିବା ପରେ ସମସ୍ତ ପାର୍ଥୀଙ୍କୁ ନିଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରିଥିଲେ।

### ୨ରେ ନାଗେଶ୍ୱର ପୀଠରେ
## ବିଶ୍ୱଶାନ୍ତି ମହାଯଜ୍ଞ

**ତିର୍ତ୍ତୋଲ,୨୭।୩(ଡି.ଏନ.ଏ.):** କନକପୁର ଓ ମୂଳିସିଂ ପଞ୍ଚାୟତ ସମନ୍ୱୟରେ ଆସନ୍ତା ଏପ୍ରିଲ ୨ରୁ ୫ ତାରିଖ ପର୍ଯ୍ୟନ୍ତ ବାବା ନାଗେଶ୍ୱରଙ୍କ ପୀଠରେ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ହେବ। ଏଥିପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବାବା ଆଲୋକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ପୂଜକ ନିହାର ରଞ୍ଜନ ଦାଶ, ସୁଧୀର ଚନ୍ଦ୍ର ଦାଶ, ରୂପକ ସିଂହ, ସତ୍ୟାନନ୍ଦ ଦାସ, ପ୍ରକାଶ ଚନ୍ଦ୍ର ସିଂହ, ବାବାଜୀ ଚରଣ ସାହୁ, ଅଧ୍ୟାପକ ଦୀପକ କୁମାର ସିଂହ, ସାରଳା ସାହିତ୍ୟ ଗବେଷକ ରମାକାନ୍ତ ରାଉଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଦିନ ଏହି ରୁଦ୍ର ମହାଯଜ୍ଞ ଉପଲକ୍ଷେ ଭୂମି ପୂଜା, ଗୋ ପୂଜା, ଶୋଡଷ ଉପଚାର ପୂଜା, ରୁଦ୍ରାଭିଷେକ, ମହାମନ୍ତ୍ର ନାମଯଜ୍ଞ, ଚଣ୍ଡୀପାଠ, ଗୀତା ପାଠ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ହେବ। ରଶ୍ମିରଞ୍ଜନ ସିଂହ ଓ ସୁରେଖା ସିଂହ ଏହି ଯଜ୍ଞରେ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିବେ।

## ବିରିଡ଼ି ବିଜେଡିରେ ଖୁସିରଲହରି

**ବିରିଡି,୨୭।୩:** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତ୍‌ସିଂହପୁରରୁ ଏମ୍‌ପି ପ୍ରାର୍ଥୀ ଭାବେ ବୁଧବାର ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କ ନାମ ଘୋଷଣା କରିଛନ୍ତି। ଏକଥା ପ୍ରଚାରିତ ହେବାପରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ବିରିଡି ବ୍ଲକ ବିଜେଡି କର୍ମୀ ଡା. ମଲ୍ଲିକଙ୍କ ପ୍ରାର୍ଥିତ୍ୱକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳଙ୍କ ନେତୃତ୍ୱରେ ବ୍ଲକ ବିଜେଡି ଯୁବ ସଭାପତି ପୁଷ୍ପ ପ୍ରକାଶ ପ୍ରଧାନ, ଜିଲା ସମ୍ପାଦକ ପବିତ୍ର ପଶାୟତ, ଶିବ ପ୍ରସାଦ ଜେନା, ମହିଳା ସଭାନେତ୍ରୀ ମହେଶ୍ୱତା ଜେନା, ଆମ୍ବା ଅଧକ୍ଷା ସବିତା ଦାସ ତିର୍ତ୍ତୋଲର ନିର୍ବାଚନମଣ୍ଡଳୀ କୃଷକ ସମ୍ମୁଖ୍ୟ ସଭାପତି ନିହାର ରଞ୍ଜନ ସ୍ୱାଇଁ, କୃଷକ ସାମୁଖ୍ୟ ବ୍ଲକ ସଭାପତି ବିଧାନ ଚନ୍ଦ୍ର ଜେନା ଓ ଅରବିନ୍ଦ ରାୟଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଯୁବ ସଂଗଠନ ଓ ଛାତ୍ର ସଂଗଠନ ଖୁସି ଜାହିର କରିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବିରିଡି,୨୭।୩(ଡି.ଏନ.ଏ.): ବିରିଡ଼ି ବ୍ଲକ ଅନ୍ତର୍ଗତ ଦରଡ଼ା ପଞ୍ଚାୟତର ଦରଡ଼ାଶାସନଠାରେ ଥିବା ମା' ଦୁଲାଦେବୀଙ୍କ ୪୫ ତମ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠରେ ଅଙ୍କୁରାରୋପଣ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏଥିସହ ପ୍ରବଚନ, ଭଜନ କୀର୍ତ୍ତନ ଓ ନାଟ୍ୟ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏହି କାର୍ଯ୍ୟକ୍ରମ ମା' ଦୁଲାଦେବୀ ଯଜ୍ଞ କମିଟି ଗରାମ ପକ୍ଷରୁ କରାଯାଇଥିଲା।

### ବନ୍ଦ ହେବ ଦୀପକ ଫର୍ଟିଲାଇଜର୍ସ ଅଫିସ
# ଥଇଥାନ ଦାବିରେ ଜଣେ କର୍ମଚାରୀଙ୍କ ଧାରଣା

**ପାରାଦୀପ,୨୭।୩(ସ୍ୱ.ପ୍ର.)**

୨୦୦୬ ମସିହାରୁ ପାରାଦୀପରେ ଆମୋନିଆ ନାଇଟ୍ରେଟ୍ କାରଖାନା କରିବ ବୋଲି ଗୁଜରାଟର ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋ କେମିକାଲ୍ସ ଲିମିଟେଡ୍ ଅଫିସ କରିଛି। ଏପରି କି ଜମି ଅଧିଗ୍ରହଣ, ଜନଶୁଣାଣି ସରିବା ସହ କମ୍ପାନୀର ପ୍ରୋଜେକ୍ଟ କାର୍ଗୋ ଆସି ସାରିଛି। ଏସବୁ ସତ୍ତ୍ୱେ ଆସନ୍ତା ୩୧ ତାରିଖ ସୁଦ୍ଧା କମ୍ପାନୀ କରିଥିବା ଅଫିସ ବନ୍ଦ କରିବ ବୋଲି ସମ୍ପୃକ୍ତ ଘର ମାଲିକଙ୍କୁ ଲିଖିତ ଭାବେ ଜଣାଇଛି। ସେହି ଅଫିସରେ ୧୩ ବର୍ଷ ହେଲା ପିଅନ କାମ କରୁଥିବା ରଞ୍ଜନ କୁମାର ବାରିକଙ୍କୁ ମଧ୍ୟ ଚାକିରି ଶେଷହେଲା କୁହାଯାଇଛି। ଏକଥାକୁ ନେଇ ବିବାଦ ମୁଣ୍ଡ ଟେକିଛି। ପିଅନ ରଞ୍ଜନ ଏବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏପରି କି ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ମଙ୍ଗଳବାରରୁ ପ୍ରତୀକାତ୍ମକ ଧାରଣା ଦେଇଛନ୍ତି। ସେ ପ୍ରଶାସନକୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୧୩ ବର୍ଷ କାମ କରିବା ମଧ୍ୟରେ ତାଙ୍କୁ ରେଗୁଲାର କରିବା ଲୋଭରେ ଖଟାଉଥିଲେ। ମାସକୁ ମାତ୍ର ୭ ହଜାର ଟଙ୍କା ଦରମା ଦେଉଥିଲେ। ମୋତେ ଏବେ ୪୭ ବର୍ଷ ହେଲାଣି। ଏହି ଅଧା ବୟସରେ ମୁଁ କିପରି ଚଳିବି କମ୍ପାନୀ ତାର ବାଟ ବାହାର କରୁ। ଅନ୍ୟଥା ୩୧ ତାରିଖ ପୂର୍ବରୁ ଯେଉଁ ଅଫିସ ଘର ଖାଲି ହେବାକୁ ଅଛି ସେଠାରେ ମୁଁ ପ୍ରତିଦିନ ଅନଶନ କରିବି ବୋଲି ଦର୍ଶାଇଛନ୍ତି। ଏ ପ୍ରସଙ୍ଗରେ କମ୍ପାନୀର ଭୁବନେଶ୍ୱର କାର୍ଯ୍ୟାଳୟରେ ଥିବା ମ୍ୟାନେଜର ଏସ.ରାୟଙ୍କୁ ପଚାରିବାରେ କହିଥିଲେ, ରଞ୍ଜନଙ୍କ ସମ୍ପର୍କରେ ମୁଁ କିଛି କହି ପାରିବି ନାହିଁ। ସେ ଯାହା କରିବା କଥା କରନ୍ତୁ। ରଞ୍ଜନ ଶ୍ରମ ଅଧିକାରୀଙ୍କୁ ଜଣାଇବା ପରେ ଶ୍ରମ ବିଭାଗ ଏହା ଉପରେ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ କରିଥିବା ଜଣାପଡ଼ିଛି।


ଧାରଣାରେ ବସିଥିବା କର୍ମଚାରୀ ରଞ୍ଜନ।

# ଇଂଲିଶ ମିଡିୟମ ସ୍କୁଲ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

**ନାଉଗାଁ,୨୭।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗଙ୍ଗଦାହାଟସ୍ଥିତ ଶ୍ରୀଅଚ୍ୟୁତ ଇଂଲିଶ ମିଡିୟମ ସ୍କୁଲ୍‌ର ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନେମାଳ ଅଚ୍ୟୁତାନନ୍ଦ ପୀଠର ଶ୍ରୀଶ୍ରୀ ଗଗନାନନ୍ଦ ଗୋସ୍ୱାମୀ, ଶ୍ରୀଶ୍ରୀ ବସନ୍ତ ଦାସ, ଗୁରୁ କୃପା କୁଟୀରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ, ପବିତ୍ର କର, ବିଷ୍ଣୁ ଚରଣ ନାୟକ ଓ ଅଧ୍ୟାପକ ଡ. ନିରଞ୍ଜନ ବିଶ୍ୱାଳ ଯୋଗଦେଇ ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା। କୁମ୍ଭାର ଯେମେତି ମାଟିରେ ବିଭିନ୍ନ ପାତ୍ର ତିଆରି କରିଥାଏ, ସେହିପରି ବିଦ୍ୟାଳୟର ଗୁରୁମାନେ ପିଲାଙ୍କୁ ଭଲ ମଣିଷ କରି ଗଢ଼ି ତୋଳିଥାନ୍ତି। ପିଲାଙ୍କ ସାମାଜିକ, ଆଧ୍ୟାତ୍ମିକ, ବୌଦ୍ଧିକ ବିକାଶ ବିଦ୍ୟାଳୟରୁ ହିଁ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବକୁ ସୋମବାର ଏଲିମେଣ୍ଟାରି ସ୍କୁଲର ଡେପୁଟି ଡାଇରେକ୍ଟର ଡ. ଅଭୟ କୁମାର ମଲିକ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଶିକ୍ଷକ ରବୀନ୍ଦ୍ର ସ୍ୱାଇଁ, ଫକୀର ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ପିଲାଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଥଲେ। ପିଲାଙ୍କ ଦ୍ୱାରା ଦେଶାତ୍ମକବୋଧକ ସଙ୍ଗୀତ ଓ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା, ବ୍ଲକ ଓ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁଧାଂଶୁ ଶେଖର ରଥ, ପ୍ରଭାସିନୀ ଅଚାର୍ଯ୍ୟ, ଶୁଭଲକ୍ଷ୍ମୀ ଲେଙ୍କା, ଇତିଶ୍ରୀ ସ୍ୱାଇଁ, ରାଜଶ୍ରୀ ବିଶ୍ୱାଳ ଓ ନିରୁପମା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

### କଳାକାର ଧୀରେନ ମହାପାତ୍ରଙ୍କ ପରଲୋକ

**ତିର୍ତ୍ତୋଲ,୨୭।୩(ଡି.ଏନ.ଏ.)**

ତିର୍ତ୍ତୋଲ ଅଞ୍ଚଳର ବରିଷ୍ଠ କଳାକାର ତଥା ଭବାନୀ ଗଣନାଟ୍ୟ ମାଲିକ ଧୀରେନ ମହାପାତ୍ର(୭୫)ଙ୍କ ମଙ୍ଗଳବାର ରାତିରେ କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ଜଣେ ଦରଦୀ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିଭାବେ ସେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। କଟକରୁ ତାଙ୍କ ମରଶରୀର ତିର୍ତ୍ତୋଲ ଗ୍ରାମସ୍ଥିତ ବାସଭବନକୁ ଆସିବା ପରେ ସମାଜିକ କର୍ମୀ ପତିତପାବନ ହୋତା, ଜିଲା ପରିଷଦ ସଭ୍ୟ ପ୍ରବୀର ରାୟ, ସରପଞ୍ଚ ମନୋରଞ୍ଜନ ମହାପାତ୍ର, ତପନ ମହାନ୍ତି, ଭାଜପାର ବିଧାନସଭା ପ୍ରାର୍ଥୀ ରମାକାନ୍ତ ଭୋଇ, ଶିବପ୍ରସାଦ ସାହୁ, ବିନ୍ଧ୍ୟବାସିନୀ ମହାନ୍ତି, ବିନୟ ମହାପାତ୍ର, ଲୋକନାଥ ମହାପାତ୍ର, ବସନ୍ତ ମହାପାତ୍ର, ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ସାଂସ୍କୃତିକ ଅନୁଷ୍ଠାନ କୁମାରୋତ୍ସବ ସମିତି ପ୍ରାଙ୍ଗଣକୁ ନିଆଯାଇଥିଲା। ସେଠାରେ ସମିତିର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ଜେନା, ପ୍ରଫୁଲ୍ଲ ଦାସ, ନଗେନ ପରିଜା, ଉପସଭାପତି ରାକେଶ ମହାପାତ୍ର, ସମ୍ପାଦକ ସୁବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମନୋଜ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାପାତ୍ର ଜଣେ ସୌଖୀନ କଳାକାରଭାବେ ଜଣାଶୁଣା ଥିଲେ। ସେ ଆକାଶବାଣୀ ଓ ଦୂରଦର୍ଶନରେ ପ୍ରସାରିତ ବହୁ ଗୀତିନାଟ୍ୟରେ ଅଭିନୟ କରିଥିଲେ। ଏଥିସହିତ କୁମାରୋତ୍ସବ ସମିତିର ଗୀତିନାଟ୍ୟ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ୩୦ବର୍ଷ ଧରି କଳାକାରଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ।

### ଆନ୍ତଃ ପରିବହନ ଚାଳକ ପାଇବେ ବର୍ଦ୍ଧିତ ଦରମା

**ପାରାଦୀପ,୨୭।୩(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଆଇପିଟି (ଆନ୍ତଃ ପରିବହନ) କ୍ଷେତ୍ରରେ ନିୟୋଜିତ ୧୫୦୦ ଚାଳକଙ୍କ ବହୁବିଧ ସଂଘର୍ଷ ଏବେ କିଛି ମାତ୍ରାରେ ସଫଳ ହୋଇଛି। ଅର୍ଥାତ ସେମାନଙ୍କ ମୂଳ ଦରମା ମାସିକ ୯,୨୦୦ ଟଙ୍କାରୁ ବୃଦ୍ଧି ୧୨,୭୦୦ ଟଙ୍କା ହୋଇଛି। ଏହି ବର୍ଦ୍ଧିତ ଦରମା ୨୦୧୮ ଅକ୍ଟୋବର ୧ରୁ ଲାଗୁ ହେବ। ୨ ବର୍ଷ ପାଇଁ ହୋଇଥିବା ଏହି ଚୁକ୍ତିରେ ସେମାନେ ୧୫ କୋଟି ୩ ଲକ୍ଷ ଟଙ୍କା ବର୍ଦ୍ଧିତ ଅର୍ଥ ପାଇବେ ବୋଲି ପାରାଦୀପରେ ଥିବା କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ(ଏଲ୍‌ଇଓ)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏନେଇ ଗତ ୨୦୧୮ ଡିସେମ୍ବର ୩୧ରେ ଅଭିଯୋଗକାରୀ ୨ ୟୁନିୟନ, ପାରାଦୀପ ଡମ୍ପର ମାଲିକ ସଂଘ, ଷ୍ଟିଭେଡର୍ସ ସଂଘ ଓ କେତେକ ଷ୍ଟିଭେଡର୍ସ ସଂସ୍ଥାର ପ୍ରତିନିଧିମାନେ ବୈଠକ କରିଥିଲେ। ସେହି ବୈଠକର ଆଲୋଚନା ଅନୁସାରେ, ଏଲ୍‌ଇଓ ବୁଧବାର ଅଫିସିଆଲ ସର୍କୁଲାର ଜାରି କରିଛନ୍ତି। ଆନ୍ତଃ ପରିବହନରେ ନିୟୋଜିତ ଚାଳକଙ୍କ ୮ଘଣ୍ଟା ଡ୍ୟୁଟି, ଦରମାବୃଦ୍ଧି, ଆନୁଷଙ୍ଗିକ ସୁବିଧା ସୁଯୋଗ ଦାବିରେ ଗତ ୨ ବର୍ଷ ମଧ୍ୟରେ ଏକାଧିକ ଥର ଆନ୍ଦୋଳନ ହୋଇଛି। ଏନେଇ ୨ଟି ୟୁନିୟନ ପକ୍ଷରୁ ଏଲ୍‌ଇଓଙ୍କ ପାଖରେ ଅଭିଯୋଗ ମଧ୍ୟ ହୋଇଥିଲା। ଅନ୍ୟ ୧୧ ଦଫା ଦାବି ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି ବୋଲି ଏଲ୍‌ଇଓ ଶିଶିର ସେଠୀ କହିଛନ୍ତି। ଉକ୍ତ ଚୁକ୍ତି ୨ ବର୍ଷ ପାଇଁ ହୋଇଛି।

# ନାଉଗାଁରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦଳର ନେତା ଓ କର୍ମୀ।

**ନାଉଗାଁ,୨୭।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ ତୋଟାପାଟଣା ଗ୍ରାମରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ସୁଜିତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଯୁବ ବିଜେଡି ସଭାପତି ତଥା ଆଶାୟୀ ପ୍ରାର୍ଥୀ ଅମରେନ୍ଦ୍ର ଦାସ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିନତୀ ଦାସ, ରାଜ୍ୟ ପରିଷଦ ସଭ୍ୟା ଏଲିନା ଦାସ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଭୁ ଚରଣ ଦାସ, ବିଜେଡି ନାରୀନେତ୍ରୀ ରୀତା ମହାନ୍ତି, ରଞ୍ଜୁବାଳା ମୁଦୁଲି, ବିଜୟଲକ୍ଷ୍ମୀ ମହାନ୍ତି, ଆରତି ସାହାଣୀ, ନିବେଦିତା ସାହୁ, ଛାତ୍ରନେତା ପୃଥିରାଜ ମହାନ୍ତି, ଆଲୋକ ମହାନ୍ତି, ଜ୍ଞାନରଞ୍ଜନ ସାହୁ ଓ ଲୋକନାଥ ଦାସଙ୍କ ସମେତ ବହୁ ଦଳୀୟ ସରପଞ୍ଚ, ସମିତିସଭ୍ୟ ଏବଂ ଶତାଧିକ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକାରୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

# ପ୍ରକଳ୍ପ ଥାଇ ଲୋକଙ୍କ ପାଖରେ ପହଞ୍ଚୁନି ପାଣି

**ନାଉଗାଁ,୨୭।୩(ସ୍ୱ.ପ୍ର.)**

ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ଲାଗିଛି। ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ବୈଠକ କରାଯାଇ ପାନୀୟଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର ଆଣିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ନାଉଗାଁ ବ୍ଲକରେ ପାନୀୟଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର ଆସୁନାହିଁ। ଏହି ବ୍ଲକର ତିରୁଣା ପଞ୍ଚାୟତରେ ପାନୀୟଜଳ ଯୋଗାଣ ପାଇଁ ୨୦୦୯-୧୦ରେ ନିର୍ମାଣ କରାଯାଇଥିଲା ଏକ ଗଭୀର ପାନୀୟଜଳ ପ୍ରକଳ୍ପ। ଏହି ପ୍ରକଳ୍ପ ମାଧ୍ୟମରେ ପଞ୍ଚାୟତର ୨୨ଟି ୱାର୍ଡକୁ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା ହୋଇଥିଲା। ମାତ୍ର ଦିନ କେତେଟା ଲୋକଙ୍କ ପାଖରେ ପାନୀୟଜଳ ପହଞ୍ଚିବା ପରେ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଏହି ପ୍ରକଳ୍ପରୁ ସମ୍ପୂର୍ଣ୍ଣ ଭାବେ ଜଳ ଯୋଗାଣ ବନ୍ଦ ହେବା ପରେ ବିଭାଗ ପକ୍ଷରୁ ୨୦୧୪-୧୫ ପୁନର୍ବାର ତିରୁଣାଠାରେ ଏକ ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଏହି ନୂତନ ପ୍ରକଳ୍ପରୁ ମଧ୍ୟ ଠିକ ଭାବେ ଜଳ ଯୋଗାଣ ହୋଇପାରୁନାହିଁ। ଏହି ପ୍ରକଳ୍ପରୁ କିଛିଦିନ ଜଳ ଯୋଗାଣ ହେବା ପରେ ଷ୍ଟାଣ୍ଡପୋଷ୍ଟରେ ଆଉ ପାଣି ଆସୁନାହିଁ। କାରଣ ମାଟି ତଳେ ନିମ୍ନମାନର ପାଇପ ବିଛା ଯାଇଥିବାରୁ ସେଗୁଡ଼ିକ ଫାଟି ଯାଇଛି। ପାଣି ଷ୍ଟାଣ୍ଡପୋଷ୍ଟରେ ପହଞ୍ଚିବା ପୂର୍ବରୁ ଲିକ୍ ହୋଇଯାଉଛି। ୧୦ ବର୍ଷ ପୂର୍ବରୁ ଏହି ପଞ୍ଚାୟତରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଅଚଳ ହୋଇପଡିଥିବା ବେଳେ ନୂତନ ପ୍ରକଳ୍ପ ମଧ୍ୟ କାମରେ ନ ଲାଗିବା ବିଭାଗୀୟ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପାନୀୟ ଜଳ ପ୍ରକଳ୍ପ ୨ଟି କାର୍ଯ୍ୟକ୍ଷମ କରାଗଲେ ପଞ୍ଚାୟତର ତିରୁଣା, ତେଣ୍ଟୋଇ, ଦହିପାଳ, ଅରିଓଦା ଗ୍ରାମର ଜନସାଧାରଣ ବିଶୁଦ୍ଧ ପାନୀୟଜଳ ପାଇପାରିବେ। ତେଣୁ ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚନ୍ଦ୍ର ଶେଖର ସାହୁଙ୍କୁ ପଚାରିବାରେ ଖୁବ ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇ ଜଳ ଯୋଗାଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ରାସ୍ତା ଉପରେ ଜମୁଛି ମଦ ଆସର

**ପାରାଦୀପ,୨୭।୩(ସ୍ୱ.ପ୍ର.)**

- ବିଜୁ ମେମୋରିଆଲ ହସ୍ପିଟାଲ ଛାତରେ ବି ଜମୁଛି ଆଡ୍ଡା
- ମଦ୍ୟପଙ୍କ ଯୋଗୁ ଅଟକୁଛି ଆମ୍ବୁଲାନ୍ସ
- ରୋଗୀ, ପଥଚାରୀ ଓ ମହିଳାଙ୍କୁ ଦୁର୍ବ୍ୟବହାର

ପାରାଦୀପର ଅଠରବାଙ୍କୀଠାରେ ରହିଛି ବିଜୁ ମେମୋରିଆଲ ହସ୍ପିଟାଲ। ଅଠରବାଙ୍କୀ ଗୋଲେଇ ଛକଠାରୁ ଏହି ମେଡିକାଲକୁ ସଂଯୋଗ କରୁଥିବା ରାସ୍ତାରେ ଏବେ ମଦ୍ୟପଙ୍କ ଦୌରାତ୍ମ୍ୟ ଚିନ୍ତାର ବିଷୟ ହୋଇଛି। ଏହି ରାସ୍ତା ପାର୍ଶ୍ୱରେ ରହିଥିବା ପ୍ରଥମ ମଦ ଦୋକାନକୁ ନେଇ ଖୋଦ୍ ମେଡିକାଲ କର୍ତ୍ତୃପକ୍ଷ ଓ ଅଠରବାଙ୍କୀ ବଜାର କମିଟି ଏକାଧିକ ଥର ଅଭିଯୋଗ କଲେଣି। କାରଣ ମେଡିକାଲ ରାସ୍ତାରେ ପ୍ରାୟ ଦିନତମାମ ମଦ୍ୟପଙ୍କ ଆଡ୍ଡା ଜମୁଛି। ରାସ୍ତା ଉପରେ ବସି ସେମାନେ ମଦ ପିଉଛନ୍ତି। ଏଥିଯୋଗୁ ମେଡିକାଲକୁ ଯାତାୟାତ କରୁଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ, ସ୍ୱାସ୍ଥ୍ୟକର୍ମୀ, ଆହାର କେନ୍ଦ୍ରକୁ ଯାଉଥିବା ଲୋକ, ଆଶ୍ରୟସ୍ଥଳରେ ରହୁଥିବା ନିରାଶ୍ରୟା ଓ ଏହି ରାସ୍ତାରେ ମନ୍ଦିରକୁ ଯାଉଥିବା ମହିଳା ଭକ୍ତମାନେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସ୍ଥିତି ଏମିତି ହୋଇଛି ଯେ, ରାତିରେ ମନ୍ଦିର ବେଢ଼ା ଓ ମେଡିକାଲ ଛାତ ଉପରେ ମଦ ଆସର ଜମୁଛି ବୋଲି ବଜାରର ବାମଦେବ ସାହୁ କହିଛନ୍ତି। ଏନେଇ ସେମାନେ ଅବକାରୀ ବିଭାଗ, ଜିଲା ପ୍ରଶାସନ ଓ ପୋଲିସକୁ ଲିଖିତ ଭାବେ ଜଣାଇଥିଲେ। ସେହିପରି ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବି.ରାଉତ କୁହନ୍ତି, ଏନେଇ ମେଡିକାଲ ପକ୍ଷରୁ ୪ଟି ଚିଠି ସିଡିଏମ୍‌କୁ ଲେଖାଗଲାଣି। କିନ୍ତୁ କେହି ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ସୂଚନାଯୋଗ୍ୟ, ପାରାଦୀପରେ ଯେତେ ବଜାର ଅଛି, ସବୁ ବଜାରର ପ୍ରଥମ ଘର ମଦ ଦୋକାନରୁ ଆରମ୍ଭ। ପାରାଦୀପର ଜନସଂଖ୍ୟା ୬୮ ହଜାର ଥିବାବେଳେ ଏଠାରେ ୨୯ଟି ସ୍ୱିକୃତୀପ୍ରାପ୍ତ ମଦ ଦୋକାନ ଓ ଗୋଟିଏ ଭାଙ୍ଗ ଦୋକାନ ରହିଛି। ଏହାବାଦ୍ ଅନେକ ଚୋରା ମଦ ଦୋକାନ ରହିଛି। ଅଠରବାଙ୍କୀର ବଜାର ଆରମ୍ଭ ହୁଏ ମେଡିକାଲ ରାସ୍ତା ପାଖରୁ। ସେହି ରାସ୍ତାର ପ୍ରବେଶପଥରେ ଏକ ମଦ ଦୋକାନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏପରିକି ମହିଳାଙ୍କୁ ଅଶାଳୀନ ବ୍ୟବହାର ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଛି। କେତେଥର ରୋଗୀ ନେଇ କଟକ ବଡ଼ ଡାକ୍ତରଖାନା ଯାଉଥିବା ଆମ୍ବୁଲାନ୍ସ ମଦ୍ୟପଙ୍କ ଯୋଗୁ ରାସ୍ତାରେ ଅଟକି ରହିଥିବା ସ୍ଥାନୀୟ ବାସିନ୍ଦା ଦେବୀ ପ୍ରସାଦ ସାହୁ କହିଛନ୍ତି। ଏ ସମ୍ପର୍କରେ ଅବକାରୀ ବିଭାଗର ଜିଲା ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡା କହିଛନ୍ତି ଯେ, ମୁଁ ପାରାଦୀପରେ ଥିବା ପ୍ରଧାନବାବୁଙ୍କୁ କହିଛି ସେଠାକୁ ଯାଇ ସ୍ଥିତି ପରିଖି ରିପୋର୍ଟ ଦେବେ। ଏହା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



ଜନନୀ ଏବଂ ଜନ୍ମଭୂମି ସ୍ୱର୍ଗଠାରୁ ମଧ ମହାନ୍।
- ମହର୍ଷି ବାଲ୍ମିକୀ



# ମୁଖ୍ୟମନ୍ତ୍ରୀଙ୍କୁ ୩ ପ୍ରଶ୍ନ କଲେ ଧର୍ମେନ୍ଦ୍ର

## ସଂକ୍ଷେପରେ

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଖଣ୍ଡପଡା,୨୭।୩ (ସ୍ୱ.ପ୍ର.):** ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ୧୨ଟି ସ୍ୱତନ୍ତ୍ର ଯୋଜନାରୁ କେଉଁମାନେ ବାଦ୍ ପଡିଛନ୍ତି ଏବଂ ଯେଉଁ ହିତାଧିକାରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି ସେମାନେ ଠିକ୍ ଭାବେ ସେବା ପାଇଛନ୍ତି କି ନାହିଁ ସେ ସଂକ୍ରାନ୍ତରେ ଏକ ଫର୍ମ ଦ୍ୱାରା ରିପୋର୍ଟ ସଂଗ୍ରହ କରାଯାଇଥିଲା । ବିଜୁ ମହିଳା ଜନତା ଦଳର କର୍ମୀମାନେ ପ୍ରତ୍ୟେକ ଘରକୁ ଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ । ଏହାଛଡା ରାଜ୍ୟର ବିକାଶ ପାଇଁ ଆଉ କେଉଁ କେଉଁ ପଦକ୍ଷେପ ନିଆଯିବ ସେ ନେଇ ମତାମତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ସଂଯୋଜକ, ବ୍ଲକ ସଂଯୋଜକ ଚନ୍ଦ୍ରମା ପ୍ରଧାନ, ୫, ୬ ଓ ୭ନଂ. ଜୋନର ଉଜ୍ୱଳ ମହାରଣା, ଜୌସ୍ନାମୟୀ ବେହେରା, ଛବିରାଣୀ ଦାସ ପ୍ରମୁଖ ଯୋଗଦେଇଥିଲେ ।

### ବାକି ଟଙ୍କା ମାଗିବାରୁ ମାରପିଟ, ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

**ବୋଲଗଡ଼,୨୭।୩(ଡି.ଏନ.ଏ.):** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ଦୁର୍ଗା ବଜାରଠାରେ ଜଣେ ଦୋକାନୀ ବାକି ଟଙ୍କା ମାଗିବାରୁ ତାଙ୍କୁ ମାର୍‌ପିଟ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଏ ନେଇ ବାଙ୍କୋଇ ଥାନାରେ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଛି। ଥାନା ଆଇଆଇସି ସେଖ ଆକବର ଅଲ୍ଲୀଙ୍କଠାରୁ ପ୍ରକାଶ ଯେ, ବାଙ୍କୋଇ ଦୁର୍ଗାବଜାରଠାରେ ଟୁକୁନା ପରମଗୁରୁ ଏକ ଟିଭି ମରାମତି ଦୋକାନ କରିଛନ୍ତି। ସେହି ଗ୍ରାମର ମନୋଜ ନାଏକ ତାଙ୍କ ଟିଭି ମରାମତି କରିବାକୁ ଟୁକୁନାଙ୍କୁ ଦେଇଥିଲେ। ତେବେ ମଙ୍ଗଳବାର ମନୋଜ ଟିଭି ଦୋକାନକୁ ଯାଇଥିଲେ। ଏହି ସମୟରେ ମନୋଜ ପୂର୍ବରୁ ବାକିରେ ଏକ ରିମୋଟ ନେଇଥିବା କହି ଟୁକୁନା ବାକି ଟଙ୍କା ମାଗିଥିଲେ। କିନ୍ତୁ ରିମୋଟ ଖରାପ ପଡିଲା କହି ମନୋଜ ବାକି ଟଙ୍କା ଫେରାଇବେ ନାହିଁ ବୋଲି କହିଥିଲେ । ଏଥିନେଇ ଯୁକ୍ତିତର୍କ ହେବା ପରେ ମନୋଜ ଟୁକୁନାଙ୍କୁ ମାଡ଼ ମାରି ନାକ ଫଟାଇ ଦେଇଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ମନୋଜଙ୍କ ମାଆ ସଞ୍ଜୁ ମଧ ପାଲଟା ଅଭିଯୋଗ କରିଛନ୍ତି । ସଞ୍ଜୁ କହିଛନ୍ତି ଯେ, ଜାତିଆଣ ଆକ୍ଷେପ କରି ତାଙ୍କ ପୁଅ ଓ ପରିବାରକୁ ଆକ୍ରମଣ କରାଯାଇଛି। ଟୁକୁନାଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୩୮/୧୯ ଏବଂ ସଞ୍ଜୁଙ୍କ ଅଭିଯୋଗକୁ ନେଇ କେସ୍ ନଂ ୩୯ /୧୯ରେ ତଦନ୍ତ ଆରମ୍ଭ କରିଛି।

**ନୟାଗଡ଼ ଅଫିସ,୨୭।୩**

ଭାରତୀୟ ଜନତା ପାର୍ଟି (ଭାଜପା) ବୁଧବାର ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛି। ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ମହୋତ୍ସବ ପଡ଼ିଆଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ପ୍ରାକୃତିକ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୟାଗଡ଼ରେ ପ୍ରଚାର କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୩ଟି ପ୍ରଶ୍ନ କରିଛନ୍ତି। ୧୯୯୮ ମସିହାରେ କୋଇଲା ବିଭାଗର ମନ୍ତ୍ରୀ ଥିବା ବେଳେ ନବୀନ ପଟ୍ଟନାୟକ କିପରି ଗୋଟିଏ ଭୂତ କମ୍ପାନୀକୁ କୋଇଲା ଖନନ କରିବା ପାଇଁ ମଞ୍ଜୁର ଦେଲେ ତାହାର ଜବାବ ମାଗିଛନ୍ତି। ସେହିପରି ସିବିଆଇରେ ହୋଇଥିବା ମାମଲାକୁ ମୁଖ୍ୟମନ୍ତ୍ରୀ ନାମାଙ୍କନ ପତ୍ର ଦାଖଲ କଲାବେଳେ ଆଫିଡାଭିଟ ଜରିଆରେ ସୂଚାଇଛନ୍ତି ନା ନାହିଁ । ୨୫ ନଭେମ୍ବର ୨୦୧୭ରେ ତାଙ୍କୁ ସିବିଆଇ ଜେରା କରିଥିଲା କି ନାହିଁ। ଏହି ୩ଟି ପ୍ରଶ୍ନର ଜବାବ୍ ସେ ଗଣମାଧମ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ମାଗିଛନ୍ତି। ଦିଲ୍ଲୀରେ ମୋଦି ଓ ରାଜ୍ୟରେ ମୋଦି ଡବଲ ଇଞ୍ଜିନ ଲଗାଇବା ପାଇଁ ଭୋଟରମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ ଧର୍ମେନ୍ଦ୍ର। ପ୍ରଥମେ ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ସଶକ୍ତୀକରଣ କରୁଥିବା ନେଇ କହୁଥିବାବେଳେ ଦୀର୍ଘ ୧ ବର୍ଷ ହେଲାଣି କନ୍ଧମାଳର ଏମ୍‌ପି ଥିବା ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ଅନାବରଣ କରା ନ ଯିବା ତାଙ୍କ ପତ୍ନୀ ତଥା ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ପ୍ରତି ଏହା କିପରି



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଷଣ ଦେଉଛନ୍ତି।

ସମ୍ମାନ ବୋଲି ସେ ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର ଗତ ୫ ବର୍ଷରେ ୨୭ ହଜାର କୋଟି ଟଙ୍କା ରେଳବାଇ କ୍ଷେତ୍ରରେ ପ୍ରଦାନ କରିଥିବାବେଳେ ୧ ଲକ୍ଷ ୩୬ ହଜାର କୋଟି ଟଙ୍କା ରାଜ୍ୟ ସରକାର ଅଟକାଇ ଦେଇଥିବା ନେଇ ଧର୍ମେନ୍ଦ୍ର ଉକ୍ତ ସମାବେଶରେ ପ୍ରକାଶ କରିଥିଲେ। ସେହିପରି କାଳିଆ ଯୋଜନାରେ ଅର୍ଥ ପ୍ରଦାନକୁ ମଞ୍ଜୁରୀ ନ ମିଳିବା ବିଷୟରେ କହିଥିଲେ। କାଳିଆର ବଜେଟ ଏବଂ ତାଲିକା ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ମାଗିଥିଲେ ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ଦାଖଲ କରାଯାଇ ନ ଥିଲା। ବଜେଟ ଓ ତାଲିକା ଦିଆଯାଇ ନ ଥିବାରୁ ଅନୁମତି ଦିଆଯାଇ ନ ଥିବା ଧର୍ମେନ୍ଦ୍ର ଅଭିଭାଷଣରେ ପ୍ରକାଶ କରିଥିଲେ। ବିଜୁ ଜନତା ଦଳ (ବିଜେଡି) ମହାକାଳ ଫଳ ସଦୃଶ , ତେଣୁ ଚଳିତ ନିର୍ବାଚନରେ ରାଜ୍ୟ ସରକାର ବଦଳିବା ଦରକାର ବୋଲି ନାରା ଦେଇଥିଲେ ଧର୍ମେନ୍ଦ୍ର। ଭାଜପା ରାଜ୍ୟରେ ସରକାର ଗଠନ କଲେ ଜିଲାରେ ବନ୍ଦହୋଇ ପଡ଼ିଥିବା ଏକମାତ୍ର ଶିଳ୍ପ ଚିନିକଳ ଖୋଲିବା ସହିତ ଛବି ବର୍ଦ୍ଧନ ହତ୍ୟାକାରୀଙ୍କୁ ନୟାଗଡ଼ ଜେଲ୍‌ରେ ପୂରାଯିବ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଲୋକ ସଭା ପ୍ରାର୍ଥୀ ଡ. ସମ୍ବିତ ପାତ୍ର ଅତିଥିଭାବେ ଯୋଗଦେଇ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ତାଙ୍କୁ ନୁହେଁ ବରଂ ମୋଦିଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ।

ଭାଜପା ସରକାର ହେଲେ ୧୫ ଦିନ ପରେ ନଡ଼ିଆ ଭଙ୍ଗାଯାଇ ଚିନିକଳ ଖୋଲାଯିବା ପାଇଁ ଶୁଭ ଦିଆଯିବ। ଏହାର ୨ ମାସ ପରେ ଚିନିକଳ ଖୋଲିବ ବୋଲି ଡ. ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଭାଜପା ପ୍ରଚାର କମିଟିର ଆବାହକ ଡା. ଦାମୋଦର ରାଉତ ଯୋଗ ଦେଇ ବିଜେଡି କାଳିଆ ଯୋଜନାର ପ୍ରଚାର କରୁଥିବାବେଳେ ଉକ୍ତ ଯୋଜନାର ଟଙ୍କା ମନ୍ତ୍ରୀ ଓ ବିଧାୟକଙ୍କ ସମ୍ପର୍କୀୟମାନଙ୍କ ଆକାଉଣ୍ଟକୁ ଯାଉଥିବା ପ୍ରକାଶ କରିଥିଲେ। ସେହିଭଳି କାଳିଆ ଯୋଜନାର କେତେ ହିତାଧିକାରୀ ତାହା ମଧ ରାଜ୍ୟ ସରକାର ଦର୍ଶାଉ ନ ଥିବା ଦାମୋଦର ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ସମେତ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଉପରେ ସେ ବିଷୋଦ୍‌ଗାର କରିଥିଲେ। କେନ୍ଦ୍ରାପଡ଼ା ଭାଜପା ପ୍ରାର୍ଥୀ ତଥା ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଯୋଗ ଦେଇ ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଭାଜପାର ନୟାଗଡ଼ ବିଧାୟକ ପ୍ରାର୍ଥୀ ଇରାନୀ ରାୟ ଯୋଗଦେଇ ନୟାଗଡ଼ର ଉନ୍ନତି ପାଇଁ ତାଙ୍କୁ ଭୋଟ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ପ୍ରାର୍ଥୀ ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ, କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, କୃଷକ ମୋର୍ଚ୍ଚାର କୃଷ୍ଣ ଜଗଦେବ ପ୍ରମୁଖ ମଞ୍ଚାସୀନ ଅତିଥି ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ ରାଜବାଟୀଠାରୁ କର୍ମୀମାନଙ୍କ ମେଳରେ ଅତିଥିମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସିନ୍ଦୁରିଆ ଛକ ନିକଟକୁ ଯାଇଥିଲେ। ସେଠାରେ କନ୍ଧମାଳ ଏମ୍‌ପି ଥିବା ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଲାଲା ମନୋଜ ରାୟ, ମନୋଜ ବେହେରା, ରାଘବ ମଲ୍ଲିକଙ୍କ ସମେତ ଏକାଧିକ କର୍ମୀ ଓ ନେତା ଯୋଗଦେଇଥିଲେ।

- ନୟାଗଡ଼ରେ ଭାଜପାର ସଂକଳ୍ପ ସମାବେଶ
- ଅନାବରଣ ହେଲା ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତି
- ଭାଜପା ସରକାର ଗଢ଼ିଲେ ୨ ମାସ ପରେ ଖୋଲିବ ଚିନିକଳ



ଉନ୍ମୋଚିତ ହୋଇଥିବା ପ୍ରତିମୂର୍ତ୍ତି।

### ଶାଶୁଘରେ ମହିଳାଙ୍କୁ ଥଇଥାନ କଲା ପୋଲିସ

**ଖଣ୍ଡପଡ଼ା,୨୭।୩(ସ୍ୱ.ପ୍ର.)**

ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ଖଣ୍ଡପଡା ଥାନା ଅଞ୍ଚଳର ଜଣେ ମହିଳା ନୟାଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶରେ ପୋଲିସ ଉକ୍ତ ମହିଳାଙ୍କୁ ମଙ୍ଗଳବାର ତାଙ୍କ ଶାଶୁଘରେ ଥଇଥାନ କରିଛି। ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର କଲ୍ୟାଣୀ ସେନାପତି ତାମିଲନାଡୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ସେଠାରେ କାମ କରୁଥିବା ଖଣ୍ଡପଡା ଥାନା କଣ୍ଟିଲୋ ଫକିରଅତବୁଦ୍ଧି ପାଟଣା ଗ୍ରାମର ଶ୍ରୀକାନ୍ତ ବେହେରାଙ୍କ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ ଉଭୟେ ପ୍ରେମ ବିବାହ କରିଥିଲେ। କିନ୍ତୁ ଅନ୍ୟ ଜାତିର ହୋଇଥିବାରୁ ଏବଂ ପ୍ରେମ ବିବାହ କରିଥିବାରୁ ଶ୍ରୀକାନ୍ତଙ୍କ ପରିବାର ଲୋକେ ତାଙ୍କୁ ଗ୍ରହଣ କରି ନ ଥିଲେ। ଏପରି କି ସେମାନେ ତାଙ୍କୁ ନିର୍ଯାତନା ଦେଉଥିବା ନେଇ କଲ୍ୟାଣୀ ଖଣ୍ଡପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୩୮/୧୮ରେ ଏକ ମାମଲା ରୁଜୁ କରିଥିଲା । କୌଣସି ସୁଫଳ ନ ମିଳିବାରୁ କଲ୍ୟାଣୀ ଶାଶୁଘରେ ରହିବା ଦାବିକରି ଏସ୍‌ପିଙ୍କୁ ସାକ୍ଷାତ କରିଥିଲେ। ଏସ୍‌ପି ଏହାର ସମାଧାନ କରିବା ପାଇଁ ଖଣ୍ଡପଡା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଣ୍ଟିଲୋ ଫାଣ୍ଡି ପୋଲିସ ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ଘର ତାଲା ପକାଇ ପରିବାର ଲୋକେ ଅନୁପସ୍ଥିତ ରହୁଥିବାରୁ କଲ୍ୟାଣୀଙ୍କୁ ଶାଶୁଘରେ ଛାଡିବା ସମ୍ଭବ ହୋଇ ନ ଥିଲା। ସବୁଆଡୁ ନିରାଶ ହେବା ପରେ କଲ୍ୟାଣୀ ୫ବର୍ଷର ପୁଅକୁ ସାଙ୍ଗରେ ଧରି ଶେଷରେ ସୋମବାର ଜିଲାପାଳଙ୍କ ଅଫିସ ସାମ୍ନାରେ ଧାରଣାରେ ବସିଥିଲେ।

## ନୟାଗଡ଼ର ୩ ଭାଜପା ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

ନୟାଗଡର ୩ ଭାଜପା ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ସେମାନେ ହେଲେ ସନ୍ତୋଷ କୁମାର ପ୍ରଧାନ, ସ୍ନେହ ରଞ୍ଜନ ଦାସ ଜୟସିଂ ଏବଂ ପ୍ରଦୀପ ଜେନା। ସୂଚନାଯୋଗ୍ୟ, ଲାଲା ମନୋଜ ରାୟ ବିଗତ ଦିନରେ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଥିଲେ। ଲାଲାଙ୍କ ଯୋଗଦାନ ପରେ ନୟାଗଡ ଜିଲା ଭାଜପାର କେତେଜଣ କର୍ମୀ ଜୋର୍‌ଦାର ବିରୋଧ ଆରମ୍ଭ କରିଦେଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଦଳର କେତେଜଣ ରାଜ୍ୟ ନେତୃବୃନ୍ଦ ନୟାଗଡ ଠାରେ ଦଳୀୟ କାର୍ଯ୍ୟକ୍ରମ ପାଇଁ ଯାଇଥିବା ବେଳେ ଲାଲାଙ୍କ ଗୋଷ୍ଠୀ ଏବଂ ବିରୋଧୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ଆଚରଣ କାରଣରୁ ସମ୍ପୃକ୍ତ ୩ଜଣଙ୍କୁ ନିଲମ୍ବନ କରାଯାଇଥିଲା। ବୁଧବାର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ୩ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଏନେଇ ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ଘୋଡ଼ାଦେଈ ପାହାଡ଼ରେ ନିଆଁ

**ଦଶପଲ୍ଲା,୨୭।୩(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଘୋଳାହାଣ୍ଡି ପଞ୍ଚାୟତ ନିକଟବର୍ତ୍ତୀ ଗଣିଆ ବନାଞ୍ଚଳ ଅଧୀନ ଘୋଡାଦେଈ ପାହାଡରେ ମଙ୍ଗଳବାର ରାତିରେ ନିଆଁ ଲାଗିଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଓ ସ୍କ୍ୱାର୍ଡ ରାତି ପ୍ରାୟ ସାଢେ ୧୨ରେ ପହଁଚି ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା ଲାଗିପ୍ରଶାସନପକ୍ଷରୁଗାଁଗାଁରେସଚେତନତା କରାଯାଉଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ଏଭଳି ନିଆଁ ଲଗାଇ ଦେଉଥିବା ଜଣାପଡିଛି। ଏଥିପ୍ରତି ଜନସାଧାରଣ ନିବୃତ ରହିବା ପାଇଁ ବନବିଭାଗ ପକ୍ଷରୁ କୁହାଯାଇଛି।

## ରଣପୁର ପଞ୍ଚୁଦୋଳ ମେଳଣ: ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ

**ରଣପୁର,୨୭।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁରର ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ବୁଧବାର ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଛି। ଏହି ମେଳଣ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ପରମ୍ପରାର ପ୍ରତୀକ ଏହି ପଞ୍ଚୁଦୋଳ ମେଳଣ ଫଗୁଣ ମାସ ଦୋଳ ପୂର୍ଣ୍ଣିମାର ୫ଦିନ ପରେ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ମଙ୍ଗଳବାର ରାତ୍ରିରୁ ଏହା ଆରମ୍ଭ ହୋଇଥିଲା। ଏଥିପାଇଁ ପୂର୍ବରୁ ପଞ୍ଚୁଦୋଳ ପଡିଆରେ ଥିବା ୧୦୮ ମଣ୍ଡପକୁ ତୋରଣରେ ସଜା ଯାଇଥିଲା । ସୁସଜ୍ଜିତ ଦୋଳ ବିମାନରେ ରଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଣିନାଗ ପଞ୍ଚୁଦୋଳ ପଡିଆଠାରେ ପହଞ୍ଚିବା ପରେ ୫ଗୋଟି ଦୋଳ ବିମାନରେ ପଞ୍ଚୁମହାଦେବ ଓ ବିଷ୍ଣୁ ପ୍ରତିମାଙ୍କ ସମେତ ୧୦୮ ଦୋଳବିମାନ ଏହି ମେଳଣର ଅନନ୍ୟ ପରମ୍ପରା। ମଙ୍ଗଳବାର ରାତ୍ର ୧୧ଟାରେ ଠାକୁରମାନେ ସିଂହଦ୍ୱାରଠାରୁ ଶୋଭାଯାତ୍ରାରେ ଆତସବାଜି ସହିତ ରଣପୁର ସହର ପରିକ୍ରମା କରି ବୁଧବାର ସକାଳୁ ମେଳଣ ପଡିଆରେ ପହଞ୍ଚିଥିଲେ। ସେଠାରେ ଥିବା ସମସ୍ତ ୧୦୮ ମଣ୍ଡପରେ ଠାକୁରମାନେ ବିରାଜମାନ କରିଥିବାବେଳେ ପଡିଆ ମଝିରେ ମା' ମଣିନାଗଙ୍କ ମଣ୍ଡପ କରାଯାଇ ବିଜେ କରାଯାଇଥିଲା। ସେଠାରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ସକାଳୁ ବିଭିନ୍ନ ପ୍ରକାର ଭୋଗ ପୁଷ୍ପ ସହିତ ଠାକୁରମାନଙ୍କୁ ଫଗୁ ପ୍ରଦାନ କରି ଦର୍ଶନ କରିଥିଲେ। ଏହା ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏହା ପରେ ବିଭିନ୍ନ ଆତସବାଜି ଓ ଘଣ୍ଟ, କାହାଳି, ବାଜା ସହିତ ଦୋଳବିମାନରେ ଠାକୁରମାନେ ମା' ମଣିନାଗଙ୍କ ଚତୁଃପାର୍ଶ୍ୱରେ ଏକଜୁଟ ହୋଇ ଫଗୁ ଓ ରଙ୍ଗ ଖେଳିଥିଲେ। ପରେ ଦୋଳବିମାନରେ ଠାକୁରମାନେ ମେଳଣ ପଡିଆଠାରୁ ସିଂହଦ୍ୱାର ଅଭିମୁଖେ ଯାତ୍ରାକରି ସେଠାରୁ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରଣପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ୫ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏଠାରେ ଅସ୍ଥାୟୀ ଭାବେ ୫୦ରୁ ଊର୍ଦ୍ଧ୍ୱ ଦୋକାନ ଗଢିଉଠିଥିଲା। ଚଳିତ ବର୍ଷ ଏହି ମେଳଣରେ ୧୦୫ ମହାଦେବଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ଖରାଦିନ ହୋଇଥିବାବେଳେ ଜନସମାଗମକୁ ଦୃଷ୍ଟିରେ ରଖି ରଣପୁର ଏନ୍‌ଏସି ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ମେଳଣ ପଡ଼ିଆରେ ସୁସଜ୍ଜିତ ବିମାନ ଓ ଶ୍ରଦ୍ଧାଳୁମାନେ।

## ପୁଣି ଆନ୍ଦୋଳନ ଚେତାବନୀ

- ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ
- ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିପାରିଲାନି ପୋଲିସ

**ଖଣ୍ଡପଡା,୨୭।୩ (ସ୍ୱ.ପ୍ର.)**

ଅସବର୍ଣ୍ଣ ସମ୍ପ୍ରଦାୟର କେତେକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁ ଖଣ୍ଡପଡା ଥାନା ଶିଖରପୁର ପଞ୍ଚାୟତ ବରପଲ୍ଲୀ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ସବର୍ଣ୍ଣ ସମ୍ପ୍ରଦାୟର ମହିଳାପୁରୁଷ ମଙ୍ଗଳବାର ଖଣ୍ଡପଡା ଥାନା ଘେରାଉ କରି ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରିଥିଲେ । ତେବେ ପୋଲିସଠାରୁ ପ୍ରତିଶ୍ରୁତି ମିଳିବା ପରେ ରାତି ପ୍ରାୟ ୧୦ଟା ସମୟରେ ଲୋକେ ଧାରଣା ପ୍ରତ୍ୟାହାର କରିଥିଲେ। ଇତିମଧ୍ୟରେ ୨୪ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ପୁଣି ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଦୀର୍ଘ ୨ବର୍ଷ ଧରି ଉକ୍ତ ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣ ସମ୍ପ୍ରଦାୟଙ୍କ ମଧ୍ୟରେ ବିଭିନ୍ନ କାରଣକୁ କେନ୍ଦ୍ରକରି ବିବାଦ ଲାଗିରହିଛି । ଗତ ୨୨ତାରିଖ ହୋଲି ଖେଳ ଦିନ ଅସବର୍ଣ୍ଣ ସମ୍ପ୍ରଦାୟର କେତେକ ଯୁବକ ପୋଖରୀରେ ଗାଧୋଉଥିବା ସବର୍ଣ୍ଣ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କୁ ଆକ୍ଷେପ କରି ଗାଳିଗୁଲଜ କରିବାରୁ କଳହର ସୂତ୍ରପାତ ହୋଇଥିଲା। ପରେ ଏହି ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳର ଯୁବକ ସୁଶାନ୍ତ ବେହେରାଙ୍କୁ ଅସବର୍ଣ୍ଣ ସମ୍ପ୍ରଦାୟର କେତେକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ନେଇ ଖଣ୍ଡପଡା ଥାନାରେ ସୁଶାନ୍ତ ଅଭିଯୋଗ କରିବା ପରେ ପୋଲିସ ଅସବର୍ଣ୍ଣ ସମ୍ପ୍ରଦାୟର ୬ ଜଣ ଯୁବକଙ୍କ ନାମରେ ମାମଲା ରୁଜୁ କରିଥିଲା। ମାତ୍ର ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପ୍ରତିବାଦରେ ମଙ୍ଗଳବାର ରାତି ୮ଟା ସମୟରେ ମହିଳାପୁରୁଷ ଥାନା ଘେରାଉ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀ ଧାରଣା ପ୍ରତ୍ୟାହୃତ କରିଥିଲେ । ପରେ ସେମାନେ ନିକଟସ୍ଥ ଉମାଦେବୀ ଠାକୁରାଣୀଙ୍କ ପାଖକୁ ଯାଇ ଯଦି ପୋଲିସ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ସେମାନେ ପୋଲିସ ଓ ଜିଲା ପ୍ରଶାସନକୁ ଅବଗତ କରି ଖଣ୍ଡପଡା-ନୟାଗଡ ପୂର୍ତ୍ତ ବିଭାଗ ରାସ୍ତାର ବରପଲ୍ଲୀଠାରେ ରାସ୍ତା ଅବରୋଧ କରି ଆନ୍ଦୋଳନ ଜାରି ରଖିବେ ବୋଲି ଶପଥ ନେଇଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ମାର୍ଚ୍ଚ, ୨୦୧୯



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସିଏ ହିଁ ସବୁଠାରୁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### ବିଜୁ ଓ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ



**ଖଣ୍ଡପଡା,୨୭।୩(ସ୍ୱ.ପ୍ର.):** ଖଣ୍ଡପଡା ସାମନ୍ତ ସ୍ମୃତି ମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଖଣ୍ଡପଡା ନଗର ବିଜୁ ଓ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠକ ବିନାୟକ ସାହୁ ଓ ବ୍ଲକ ଛାତ୍ର ସଭାନେତ୍ରୀ ବର୍ଷା ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ୫୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ଉପସ୍ଥିତ ରହି ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ବିଶେଷକରି ସମାଜରେ ଅବହେଳିତ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ ସଭ୍ୟାସଭ୍ୟମାନେ କିପରି କାର୍ଯ୍ୟ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିଶେଷରେ ଅଭିଜିତ ବେହେରା ଧନ୍ୟବାଦ ଦେଇଥିଲେ ।

### ମହିଳାଙ୍କ ଠାରୁ ୧୫ ହଜାର ଟଙ୍କା ଲୁଟ୍

**ଦଶପଲ୍ଲା,୨୭।୩(ଡି.ଏନ୍.ଏ):** ଦଶପଲ୍ଲା ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଠାରୁ ବୁଧବାର ୧୫ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ମହିଳା ହେଲେ ସାକେଣୀ ଗ୍ରାମର ଅହଲ୍ୟା ଖିଲାର। ସେ ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଆସିଥିଲେ। ସେ ଟଙ୍କା ଉଠାଇବା ସମୟରେ ୨ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ଅହଲ୍ୟା ଘରକୁ ଫେରୁଥିବାବେଳେ ଶୋଷ ଲାଗିବାରୁ ସ୍ଥାନୀୟ ତ୍ରିନାଥ ବଜାର ଠାରେ ଏକ ନଳକୂଅ ନିକଟକୁ ଯାଇଥିଲେ। ସେଠାରେ ଟଙ୍କା ବ୍ୟାଗ୍‌କୁ ରଖି ପାଣି ପିଉଥିବା ସମୟରେ ୨ଜଣ ଦୁର୍ବୃତ୍ତ ଏକ ଲାଲ୍ ରଙ୍ଗର ଆଚିବର୍ ବାଇକ୍‌ରେ ଆସି ହଠାତ୍ ଟଙ୍କା ବ୍ୟାଗ୍‌କୁ ଝାମ୍ପି ନେଇ ପଳାଇ ଥିଲେ। ବ୍ୟାଗରେ ବ୍ୟାଙ୍କରୁ ଉଠାଇଥିବା ୧୫ ହଜାର ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ଖବରପାଇ ସ୍ଥାନୀୟ କେତେକ ଯୁବକ ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ମିଳିନାହିଁ। ପରେ ମହିଳା ଜଣଙ୍କ ଦଶପଲ୍ଲା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି।

### ଯୁବତୀଙ୍କୁ ମାଡ଼ମାରି ଯୁବକ ହଟହଟା

**ଦଶପଲ୍ଲା,୨୭।୩(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦେଢଶର ଗ୍ରାମରେ ଜଣେ ଯୁବକ ପ୍ରେମ ପାଇଁ ବଡଭାଇଙ୍କ ଶାଳୀଙ୍କୁ ମାଡମାରି ହଟହଟା ହୋଇଛନ୍ତି। ଯୁବକ ଜଣକ ଏକତରଫା ଭାବେ ବଡଭାଇଙ୍କ ଶାଳୀଙ୍କୁ ପ୍ରେମ କରୁଥିଲେ। ବୁଧବାର ରାତିରେ ସେ ତାଙ୍କ ଘରକୁ ଯାଇଥିଲେ। କୌଣସି କାରଣକୁ ନେଇ ଯୁବକ ଉତେଜିତ ହୋଇ ଯୁବତୀ ଓ ତାଙ୍କ ମା'ଙ୍କୁ ମାଡ ମାରି ଆହତ କରିଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଯୁବକଙ୍କୁ ମାଡମାରିବା ସହ ବାନ୍ଧି ପକାଇଛନ୍ତି। ଖବର ଲେଖା ହେବା ଯାଏ ଯୁବକ ବନ୍ଧା ହୋଇ ରହିଛନ୍ତି।

### ସିରିଜ୍ ଚୋରି: ଗୋଟିଏ ରାତିରେ ୫ ପରିବାରରୁ ଲୁଟ୍

**ନିରାକାରପୁର,୨୭।୩(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ଡିଆ ପଞ୍ଚାୟତସ୍ଥ କାଶୀପୁର ଗ୍ରାମର ୫ଟି ପରିବାରରୁ ମଙ୍ଗଳବାର ରାତିରେ ସିରିଜ୍ ଚୋରି ହୋଇଛି। ଘଟଣାରୁ ପ୍ରକାଶ, କୁମ୍ଭାରପଡାର ବାସନ୍ତୀ ପ୍ରଧାନ ଓ ତାଙ୍କ ପୁଅ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ଟଙ୍କା ଲୁଟି ନେଇଛନ୍ତି। ବାସନ୍ତୀ ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ୩୫ ହଜାର ଟଙ୍କା କରଜ କରି ଘରେ ରଖିଥିଲେ। ଦୁର୍ବୃତ୍ତମାନେ ଟଙ୍କା ଥିବା ବାକ୍ସଟିକୁ ଚୋରିକରି ସେଥିରୁ ସମସ୍ତ ଟଙ୍କା ଲୁଟି ନେଇ ବଳକା ଲୁଗାପଟା ବାଡିରେ ଫୋପାଡ଼ି ଦେଇ ଫେରାର୍ ହୋଇଯାଇଥିଲେ। ସେମାନେ ଭୋରୁ ଉଠିବା ପରେ ଏହା ଦେଖିବାକୁ ପାଇଥିଲେ। ସେହିପରି ଗୁଲିଆ ପ୍ରଧାନଙ୍କ କଂସାବାସନ ଚୋରି ହୋଇଯାଇଛି। ଏହାଛଡା କାଶୀପୁର ହରିଜନ ସାହିର ରମ୍ଭା ନାୟକ(୭୦)ଙ୍କ ଝିଅ ଦେଇଥିବା ୫ହଜାର ଟଙ୍କା, ଦୁଇ ହଳ ସୁନା କାନ ଫୁଲ ଏବଂ ଏହି ଗ୍ରାମ ମଝିସାହିର ହରିଶ ବେହେରା ଓ ଗଜେନ୍ଦ୍ର ପାଇକରାୟଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲା। ଏ ଘଟଣା ନେଇ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଖବର ପାଇ ଆମେ ଘଟଣାସ୍ଥଳର ଅନୁସନ୍ଧାନ(ସ୍ପଟ୍ ଭିଜନ୍) କରି ଫେରିଛୁ। ତେବେ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି।

# ଦୁଇ ମାସ ହେଲା ଜଳ ଯୋଗାଣ ବନ୍ଦ

- ନୂଆଗାଁ ବ୍ଲକ କୋରଡ଼ା ପଞ୍ଚାୟତ
- ଗ୍ରୀଷ୍ମ ଆରମ୍ଭରୁ ଦେଖାଦେଲାଣି ସମସ୍ୟା

**ନୂଆଗାଁ,୨୭।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୨୨ ଗୋଟି ପଞ୍ଚାୟତରେ ପାଣି ସମସ୍ୟା ଲାଗିରହିଛି। ଏହାକୁ ସୁଧାରିବା ପାଇଁ ପଞ୍ଚାୟତ ସମିତି ବୈଠକରେ ବହୁବାର ଆଲୋଚନା ହୋଇଥିଲେ ମଧ୍ୟ ତାହା କେବଳ କାଗଜକଲମରେ ସୀମିତ ରହିଯାଇଛି। ଫଳରେ ଗ୍ରୀଷ୍ମଋତୁ ଆରମ୍ଭରୁ ବିଭିନ୍ନ ସ୍ଥାନରେ ଜଳ ସମସ୍ୟା ଦେଖାଦେଇଛି। କୋରଡା ପଞ୍ଚାୟତର ରକ୍ତପଟା ଓ ମୀନାଗାଡିଆ ଗ୍ରାମକୁ ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ ଦୁଇମାସ ହେଲା ଜଳଯୋଗାଣ ବନ୍ଦ ଥିବାରୁ ଗ୍ରାମବାସୀ ଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ମୀନାଗାଡିଆରେ ପ୍ରାୟ ୮୦ ଓ ରକ୍ତପଟାରେ ୩୦ପରିବାର ବସବାସ କରନ୍ତି। ମୀନାଗାଡିଆରେ ରହିଛି ଦୁଇଗୋଟି ନଳକୂଅ ଓ ଗୋଟିଏ ଖୋଲାକୂଅ। ନଳକୂଅ ଦୁଇଟି ବର୍ଷର ଅଧାଦିନ ଖରାପ ରହୁଥିବା ବେଳେ ଆଉ ଅଧାଦିନ ସେଥିରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଖୋଲା କୂଅରେ ଯାହା



ରକ୍ତପଟା ପମ୍ପ ହାଉସ୍ ।

ପାଣି ହୁଏ ତାହା ଖରାଦିନ ପାଇଁ ଯଥେଷ୍ଟ ହୁଏ ନାହିଁ। ସେହିପରି ରକ୍ତପଟାରେ ଗୋଟିଏ ନଳକୂଅ ଥିବାବେଳେ ସେଥିରୁ ବାହାରୁଥିବା ପାଣି ଗ୍ରାମବାସୀଙ୍କ ପାଇଁ ଯଥେଷ୍ଟ ନୁହେଁ। ଉଭୟ ଗ୍ରାମର ସମସ୍ୟାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ରକ୍ତପଟାଠାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ଦୁଇମାସ ହେଲା ଏହା ଅଚଳ ହୋଇପଡିଛି। ଫଳରେ ୧୧୦ ପରିବାର ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା କହିଛନ୍ତି। ଏ ବିଷୟରେ ଏସ୍‌ଇଏମ ପ୍ରମୋଦ ବାଲିଆ କୁହନ୍ତି, ଅନେକ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଜଳ ଯୋଗାଣ। ମୀନାଗାଡିଆକୁ ଯାଇଥିବା ପାଇପ୍ ଅନେକ ସ୍ଥାନରେ ଫାଟିଯାଇଛି। କୌଣସି ଷ୍ଟାଣ୍ଡପୋଷ୍ଟ ଭଲ ନ ଥିବାବେଳେ ବହୁ କଷ୍ଟରେ ଲୋକଙ୍କୁ ପାଣି ଯୋଗାଉଥିଲୁ। କିନ୍ତୁ ରାସ୍ତା କାମରେ ନିୟୋଜିତ ଶ୍ରମିକମାନେ ପମ୍ପହାଉସ ପରିସରରେ ରହିବା ସମୟରେ ଅପବ୍ୟବହାର କରିବା ଯୋଗୁ ସେଠାରେ ବିଦ୍ୟୁତ୍ ଖରାପ ହୋଇଯାଇଛି। ମରାମତି ବିଷୟରେ ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ଶ୍ରୀନିବାସ ରାଓ କହନ୍ତି, ଆମେ ବାରମ୍ବାର ମନା କରିବା ସତ୍ତ୍ୱେ ସେଠାରେ ଶ୍ରମିକମାନେ ରହି ହୁକ ପକାଇ ବିଦ୍ୟୁତ୍ ଜାଳୁଥିଲେ। ସରପଞ୍ଚଙ୍କୁ କହିବା ପରେ ବି ସେମାନେ ଆମ କଥାକୁ ଗୁରୁତ୍ୱ ଦେଉ ନ ଥିଲେ। ତେଣୁ କ'ଣ ହୋଇଛି ଆମେ ଦେଖିବୁ। ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ତୁରନ୍ତ ଉକ୍ତ ଗ୍ରାମକୁ ଜଳଯୋଗାଣ କରିବା ପାଇଁ ସରପଞ୍ଚଙ୍କୁ କହିଛି। ସରପଞ୍ଚ ଗୋଲାପ ନାୟକ ହୁକ ପକାଇବା କଥାକୁ ଖଣ୍ଡନ କରିବା ସହ ଶୀଘ୍ର ପାଣି ଯୋଗାଇବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ବନମାଳୀପୁର ପଞ୍ଚୁଦୋଳ ମେଳଣ, ୮ ବିମାନରେ ଠାକୁର ବିଜେହେଲେ

**ଖଣ୍ଡପଡା,୨୭।୩ (ସ୍ୱ.ପ୍ର.)**

ବନମାଳୀପୁର ପଞ୍ଚୁଦୋଳ ମେଳଣ ମଙ୍ଗଳବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି। ସ୍ଥାନୀୟ ଆରାଧ୍ୟ ସୋମନାଥଦେବ ମନ୍ଦିର ନିକଟ ପଞ୍ଚୁଦୋଳ ପଡିଆରେ ସମସ୍ତ ଦେବ ନୀତି ସମାପନ ପରେ ସୋମନାଥଦେବ, ସ୍ୱପ୍ନେଶ୍ୱର ଦେବ, ରସିକମୋହନ, ବାଲୁଙ୍କେଶ୍ୱର ଦେବ ଆଦି ୮ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବନମାଳୀପୁର ଗ୍ରାମ ପରିକ୍ରମା କରାଯାଇ ମେଳଣ ପଡିଆକୁ ବିଜେ କରାଯାଇଥିଲା। ରାଜାରାଜୁଡା ଅମଳରୁ ପାଳିତ ହୋଇଆସୁଥିବା ଏହି ମେଳଣରେ ସୁନ୍ଦର ଆଲୋକ ସଜ୍ଜା ସାଙ୍ଗକୁ ଆତସବାଜି ପ୍ରଦର୍ଶନ ହୋଇଥିଲା। ବୁଧବାର ମେଳଣ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବାଣେଶ୍ୱରୀ ଗଣନାଟ୍ୟ ଯାତ୍ରା ପରିବେଷଣ ହେବ। ଗୁରୁବାର ଠାକୁର ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ।



ପଞ୍ଚୁଦୋଳ ପଡ଼ିଆରେ ବିମାନରେ ବିଜେ କରିଛନ୍ତି ଠାକୁର।

# ବାଙ୍କୋଇ, ପିଚୁକୁଳିରେ ପଞ୍ଚୁଦୋଳ



ବାଙ୍କୋଇଠାରେ ପଞ୍ଚୁଦୋଳ ମେଳଣରେ ଠାକୁର ଓ ଶ୍ରଦ୍ଧାଳୁମାନେ।

**ବୋଲଗଡ଼,୨୭।୩(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ଓ ପିଚୁକୁଳିଠାରେ ବୁଧବାର ପଞ୍ଚୁଦୋଳର ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ସୋମବାର ରାତିରୁ ଆରମ୍ଭ ହୋଇଥିବା ବାଙ୍କୋଇ ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀତାରେଶ୍ୱରଦେବଙ୍କର ପଞ୍ଚୁଦୋଳ ମେଳଣ ଦୀର୍ଘବର୍ଷ ଧରି ଆୟୋଜିତ ହୋଇଛି। ରାଜଠାକୁର ଭାବେ ପରିଚିତ ଶ୍ରୀଶ୍ରୀ ତାରେଶ୍ୱରଦେବଙ୍କୁ ସେବାୟତମାନେ ଛତ୍ରି, ତ୍ରାସ, ଆଲଟ, ଚାମର, କାହାଳି, ମଶାଲ ସହ ସୁସଜ୍ଜିତ ବିମାନରେ ମନ୍ଦିରରୁ ପଞ୍ଚୁଦୋଳ ଯାତ୍ରାପଡିଆକୁ ନିମନ୍ତ୍ରିତ କରି ଉର୍ଦ୍ଧିଷ୍ଟ ପିଣ୍ଡି ଚଉଦୋଳରେ ବିଜେ କରାଇଥିଲେ। ଆୟୋଜକ କମିଟି ପକ୍ଷରୁ ଆମନ୍ତ୍ରିତ ୪୧ ଦୋଳ ଠାକୁର ମଧ ସ୍ୱଆସ୍ଥାନରେ ବିଜେ କରିଥିଲେ। ନିଖିଳ ଉତ୍କଳ ଓଡିଶୀ ସଂକୀର୍ତ୍ତନ ଶାଖା-୩ ତରଫରୁ ତାରେଶ୍ୱରଦେବ ସଂକୀର୍ତ୍ତନ ମଣ୍ଡଳ ନାମ କୀର୍ତ୍ତନ କରିଥିଲେ। ମେଳଣ ପରେ ଠାକୁରମାନେ ଚଉଦୋଳରେ ବାହୁଡିଥିଲେ । ସେହିପରି ପିଚୁକୁଳିଠାରେ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଦେବଙ୍କ ପଞ୍ଚୁଦୋଳ ଯାତ୍ରା ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି । ଏକ ବିରାଟ ପଟୁଆରରେ ରାଜଠାକୁର ଭାବେ ପରିଚିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଦେବ ଗ୍ରାମର ପଞ୍ଚୁଦୋଳ ପଡିଆକୁ ବିଜେକରିଥିଲେ। ପରେ ଏଠାକୁ ଆମନ୍ତ୍ରିତ ଠାକୁରମାନେ ୨୫ଟି ଦୋଳ ବିମାନରେ ଦୋଳଯାତ୍ରା ପଡିଆକୁ ବିଜେ କରିଥିଲେ। ଏଠାରେ ଗୁରୁବାର ମେଳଣ ଅନୁଷ୍ଠିତ ହେବ। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଯାତ୍ରାରେ ସମାଗମ ହୋଇଥିଲେ।

## ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ

**ବୋଲଗଡ଼,୨୭।୩(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପିଚୁକୁଳିସ୍ଥିତ ଭାଜପା ପାର୍ଟି କାର୍ଯ୍ୟାଳୟଠାରେ ଅସନ୍ତୁଷ୍ଟ ଭାଜପା କର୍ମୀ ଏବଂ କର୍ମକର୍ତ୍ତାଙ୍କ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବୈଠକରେ ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଭୟ ବୋଲଗଡ ଏବଂ ବେଗୁନିଆ ବ୍ଲକ ଅଞ୍ଚଳର ସମସ୍ତ ମଣ୍ଡଳୀ(୬)ରୁ କର୍ମକର୍ତ୍ତା ଏବଂ କର୍ମୀମାନେ ଏଥିରେ ଯୋଗଦେଇଥିଲେ। ଅଜୟ ମାର୍ଥାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ରିଷଭ ନନ୍ଦଙ୍କୁ ବିଧାୟକ ଟିକେଟ ପ୍ରଦାନ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଏହାର ପୁନଃବିଚାର ପାଇଁ କୃଷକ ମୋର୍ଚ୍ଚା କର୍ମକର୍ତ୍ତା ବିଶ୍ୱଜିତ ସ୍ୱାଇଁ କହିଛନ୍ତି। ଏହା କରା ନ ଗଲେ ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା ।

## ଓଡିଶୀ ସଂକୀର୍ତ୍ତନ ସଂଘର ନୂତନ କର୍ମକର୍ତ୍ତା

**ବୋଲଗଡ଼,୨୭।୩(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ପଞ୍ଚୁଦୋଳ ପଡିଆଠାରେ ତାରେଶ୍ୱରଦେବ ମଣ୍ଡଳ ନିଖିଳ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ଶାଖା-୩ର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘ ସଭାପତି ବିଜୟ କୁମାର ଦାଶ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ୨୦ଟି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ କୀର୍ତ୍ତନ ପରିବେଷଣ ହୋଇଥିଲା। ପରେ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବିଜୟ କୁମାର ଦାଶ ପୁନଃ ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବେ ଲକ୍ଷ୍ମୀଧର ବେହେରାଙ୍କୁ ଚୟନ କରାଯାଇଥିଲା। ସହସମ୍ପାଦକ-ବାନାମ୍ବର ପ୍ରଧାନ, କୋଷାଧକ୍ଷ-ଗଣେଶ୍ୱର ସୁବୁଦ୍ଧି, ଉପଦେଷ୍ଟା-କାଳୁ ଚରଣ ବେହେରା ଓ ଆନନ୍ଦ ବରାଡ଼ଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ସରକାରୀ ସହାୟତା ଓ ଭତ୍ତା ପ୍ରଦାନ ଆଦି ନେଇ ଆଲୋଚନା କରାଯାଇଥିଲା।



ବୈଠକରେ ଯୋଗଦେଇଥିବା ସଂକୀର୍ତ୍ତନ ମଣ୍ଡଳୀ କର୍ମକର୍ତ୍ତା।

# ଝାଡ଼ସାହି ଗ୍ରାମରେ ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ

**ଓଡ଼ଗାଁ, ୨୭।୩(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ ଗିରିଡିପଲ୍ଲୀ ବ୍ଲକ ଅନ୍ତର୍ଗତ ଝାଡସାହି ଗ୍ରାମରେ ଦୁଇଦିନ ବ୍ୟାପୀ ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଝାଡ଼ସାହି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ରବିବାର ଯମୁନା ବରଣ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ ଉତ୍ସବରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏଥିରେ ଝାଡସାହି ସହିତ ତୁଳସୀପଲ୍ଲୀ (ଗଞ୍ଜାମ), ବେରୁଆଁବାରୀ, ଭରତପୁର



ନାମ ସଂକୀର୍ତ୍ତନ କରାଯାଉଛି।

(ଭୁବନେଶ୍ୱର) ଓ ସାମରଡାସ (ଗଞ୍ଜାମ)ରୁ ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ । ସଭାପତି ହରଷ ନାୟକ, ପଞ୍ଚୁ ନାୟକ, ଯୁଧିଷ୍ଠିର ନାୟକ ଓ ଭିକାରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖଳିସାହିରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଖଣ୍ଡପଡା,୨୭।୩(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି ନୀଳାଚଳ ସତ୍‌ସଙ୍ଗ ମଣ୍ଡଳ ପକ୍ଷରୁ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ସତ୍‌ସଙ୍ଗ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ କୃଷ୍ଣଭାବନାମୃତ ସଂଘର ପ୍ରଚାରକ ଗୌରବ ନାରାୟଣ ସ୍ୱାମୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ହରି କଥାମୃତ ଉପରେ ପ୍ରବଚନ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରାତଃ ନଗର କୀର୍ତ୍ତନ, ଗୌର ଆଳତି ସହିତ ବିଗ୍ରହଙ୍କ ନିକଟରେ ୫୬ ଭୋଗ ଲାଗି କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

## କାଦୁଆରେ ୨୪ ପ୍ରହର ନାମଯଜ୍ଞ

**ଗଣିଆ,୨୭।୩(ଡି.ଏନ.ଏ.)**

ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦୁଆ ଗ୍ରାମର ଶ୍ରୀ ଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ସମ୍ମୁଖରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଗତ ସୋମବାର ଶୁଭାଧିବାସ ପରେ ମଙ୍ଗଳବାର ସକାଳୁ ନାମଯଜ୍ଞ ଆରମ୍ଭ ହୋଇଛି । ଏହା ମଙ୍ଗଳ, ବୁଧ ଓ ଗୁରୁବାର ୩ଦିନ ଧରି ଚାଲିବ । ଶୁକ୍ରବାର ନଗରକୀର୍ତ୍ତନ କରାଯାଇ ଗୋପୀନାଥ ଜୀଉଙ୍କୁ ବିମାନରେ ବସାଇ ଗାଁ ପରିକ୍ରମା କରାଯିବ। ଏଥିରେ ଆଖପାଖ ଅଞ୍ଚଳର ୨୦ଟି ନାମ ସଂକୀର୍ତ୍ତନ ଦଳ ଭାଗ ନେଇଛନ୍ତି। ଏହାସହ ଉକ୍ତ ୩ଦିନ ପ୍ରତ୍ୟହ ସନ୍ଧ୍ୟାରେ କାଦୁଆ ଗ୍ରାମର ରାଧାକୃଷ୍ଣ ଯୁବକସଂଘ ଗୃହ ସମ୍ମୁଖରେ ପୁରୀର ଭାଗବତ ଆଶ୍ରମରୁ ଆସିଥିବା ବାବା ଶ୍ରୀ ବ୍ରଜବନ୍ଧୁ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରବଚନ ଶୁଣିବା ପାଇଁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି।



ସଂକୀର୍ତ୍ତନ ଦଳ ଦ୍ୱାରା ନାମ କୀର୍ତ୍ତନ କରାଯାଉଛି।

## ଓଡ଼ଗାଁ ଶ୍ରୀରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ସାଧାରଣ ଅଧିବେଶନ

**ଓଡ଼ଗାଁ, ୨୭।୩(ସ୍ୱ.ପ୍ର.)**

**ନୂତନ କର୍ମକର୍ତ୍ତା ଚୟନ**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ପ୍ରତିଷ୍ଠିତ ଶ୍ରୀରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ଅଧିବେଶନ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନ ପ୍ରାରମ୍ଭରେ ପଣ୍ଡିତ ଦିଗାମ୍ବର ମହାପାତ୍ର ଓ ପଣ୍ଡିତ ଜଳନ୍ଧର ରଥ ବେଦପାଠ ସହିତ ମଙ୍ଗଳାଚରଣ ଉପସ୍ଥାପନ କରିଥିଲେ। ବୈଦିକ ସମାଜ ସାଧାରଣ ସମ୍ପାଦକ ବସନ୍ତ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ ଆଗାମୀ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରିବାକୁ ଘୋଷଣା କରିଥିଲେ। ସର୍ବ ସମ୍ମତିକ୍ରମେ ଭଗବାନ ଆଚାର୍ଯ୍ୟ ସଭାପତି, ଜଗବନ୍ଧୁ ଷଡ଼ଙ୍ଗୀ ଉପ ସଭାପତି, ସୁରେନ୍ଦ୍ର କୁମାର ମିଶ୍ର ସମ୍ପାଦକ, ଗୋଦାବରୀଶ ଷଡ଼ଙ୍ଗୀ ସହ ସମ୍ପାଦକ ଓ କୋଷାଧକ୍ଷ ଭାବେ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ଆଗାମୀ ବର୍ଷ ନିମନ୍ତେ ମନୋନୀତ କରାଯାଇଥିଲା। ଏହା ସହିତ ୫ ଜଣ ବରିଷ୍ଠ ସଦସ୍ୟଙ୍କୁ ଉପଦେଷ୍ଟା ଓ ମାର୍ଗ ଦର୍ଶକ ଭାବେ ମନୋନୀତ କରାଯାଇଥିଲା । ମାନବ ସମାଜର କଲ୍ୟାଣାର୍ଥେ ଆଗାମୀ ଆଷାଢ, ଭାଦ୍ରବ, କାର୍ତ୍ତିକ ଓ ମାଘ ମାସ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପରିସରରେ ବିଷ୍ଣୁ ସହସ୍ର ନାମ ପାଠ କରିବା ସହିତ ଜୁଲାଇରେ ସାମୂହିକ ଗୀତା ପଠନ ଓ ଗୀତାଯଜ୍ଞ କରାଯିବାକୁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା ।

## ମା' ନାରାୟଣୀ ପୀଠରେ ସମାବେଶ

# ଅଞ୍ଚଳବାସୀଙ୍କ ମତ ଲୋଡ଼ିଲେ ଆଶାୟୀ ପ୍ରାର୍ଥୀ

**ଖଣ୍ଡପଡ଼ା,୨୭।୩(ସ୍ୱ.ପ୍ର.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳୀୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇସାରିଛି। ତେବେ ବିଜେଡି ପକ୍ଷରୁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲେ ମଧ ଖଣ୍ଡପଡ଼ା ବିଧାନ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଏକାଧିକ ଆଶାୟୀ ପ୍ରାର୍ଥୀ ବିଜୁ ଜନତା ଦଳରୁ ଟିକେଟ ପାଇଁ ଲବି ଜାରି ରଖିଥିବା ବେଳେ କେତେଜଣ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏ ପରିପ୍ରେକ୍ଷୀରେ ଖଣ୍ଡପଡାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପୁତ୍ର ତଥା ଖଣ୍ଡାୟତ ମହାସଭାର ସଭାପତି



ସମାବେଶରେ ଯୋଗଦେଇଥିବା ଜନସାଧାରଣ।

ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଜନମତ ପ୍ରତି ଦୃଷ୍ଟି ରଖିଛନ୍ତି। ଏକ ସମାବେଶ ଆୟୋଜନ କରି ଜନସାଧାରଙ୍କ ମତାମତ ଲୋଡିଛନ୍ତି। ସୋମବାର ଅପରାହ୍ନରେ ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ଏକ ସମାବେଶର ଆୟୋଜନ କରିଥିଲେ। ୬୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସମାବେଶରେ ଯୋଗ ଦେଇଥିଲେ। ସମ୍ପ୍ରତି ଏକାଧିକ ବ୍ୟକ୍ତି ଗୋଟିଏ ଆସନରୁ ପ୍ରାର୍ଥୀ ହେବାକୁ ଆଶାୟୀ ରହିଥିବାରୁ ଦଳୀୟ କନ୍ଦଳ ଓ ଅସନ୍ତୋଷ ସୃଷ୍ଟି ହେଉଛି। ଯେ କୌଣସି ଦଳର ଆଶାୟୀ ପ୍ରାର୍ଥୀ ଯଦି ଟିକେଟ ପାଇବାରୁ ବଞ୍ଚିତ ହୁଅନ୍ତି ତେବେ ସେ ଟିକେଟ ପାଉଥିବା ପ୍ରାର୍ଥୀଙ୍କ ବିରୋଧରେ ଜନମତ ସୃଷ୍ଟି କରିବାର ଆଶଙ୍କା ରହିଛି । ଫଳରେ ଦଳୀୟ ପ୍ରାର୍ଥୀ ପାଇଁ ସମସ୍ୟା ସୃଷ୍ଟି ହେବ । ଏ ପରିପ୍ରେକ୍ଷୀରେ ଦଳୀୟ ଟିକେଟ ମିଳୁ ବା ନ ମିଳୁ ଯଦି ଅଞ୍ଚଳବାସୀ ଚାହିଁବେ ତେବେ ସ୍ୱାଇଁ ନିର୍ଦ୍ଦଳୀୟ ଭାବେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ପ୍ରକାଶ କରିଥିଲେ । ଏଥି ପାଇଁ ସେ ସମସ୍ତଙ୍କ ଆଶୀର୍ବାଦ ତଥା ସହଯୋଗ କାମନା କରିଥିଲେ । ତେବେ ଜନ ସାଧାରଣଙ୍କ ମତାମତ କେତେ ଯେ ଭରସାଯୋଗ୍ୟ ସେ ନେଇ ମତ ପ୍ରକାଶ ପାଇଛି।